THE SUNDAY SECTION OF NITIDIN

ନିତିଦିନ NITIDIN

ନିକଟ

ରବିବାର ମ୍ୟାଗାଜିନ୍

ରବିବାର, ୧ ନଭେମ୍ବର ୨୦୨୬

ମନୋରଞ୍ଜନ

ଗାଉଁଲି ଝିଅ ଟୁ ଗ୍ଲାମରସ୍ ଗର୍ଲ







ମହାବାତ୍ୟାରୁ ଅଣ୍ଡୁବ

ଓଡ଼ିଶାର ବାତ୍ୟା

ଦିବ୍ୟ ଜନନୀ ସାରଦା (୧୪)

■ ମନୋଜ କୁମାର ମହାପାତ୍ର

ପୂର୍ଣ୍ଣ ମାତୃତ୍ୱର ପରିପ୍ରକାଶ (୨)



ଅନ୍ୟ ଏକ ଘଟଣା ଏହିପରି ଘଟିଥିଲା ଯାହା ଶ୍ରୀ ରାମକୃଷ୍ଣ ଓ ଶ୍ରୀମାଙ୍କ ସମ୍ବନ୍ଧର ବଳିଷ୍ଠ ସୂଚନା ପ୍ରଦାନ କରେ। ଜଣେ ମାରୱାଡ଼ି ଭକ୍ତ ଲକ୍ଷ୍ମୀନାରାୟଣ, ଶ୍ରୀ ରାମକୃଷ୍ଣଙ୍କ ଆଧ୍ୟାତ୍ମିକ ପ୍ରେମରେ ପ୍ରଭାବିତ ହୋଇ ତାଙ୍କୁ ଦଶ ହଜାର ଟଙ୍କା ଦାନ କରିବାକୁ ଚାହିଁଲେ। ଟଙ୍କା ସ୍ପର୍ଶ କରିବା ମାତ୍ରେ ଯାହାଙ୍କ ଶରୀର ଟଣ୍ ଟଣ୍ ହୋଇ ବିନ୍ଧେ ସେ ପୁଣି ଏତେ ଟଙ୍କାର ଦାନ କିପରି ଗ୍ରହଣ କରିବେ ? ସେ ବିକଳ ହୋଇ ଜଗତଜନନୀ କାଳୀଙ୍କୁ କହିଲେ- 'ମା', ବହୁ ବର୍ଷ ପରେ ତୁମେ ମୋତେ ପ୍ରଲୋଭିତ କରିବାକୁ ଆସିଛ।' ଠିକ୍ ସେହି ସମୟରେ ଶ୍ରୀମାଙ୍କୁ ଡ଼ାକିଲେ ତାଙ୍କର ମନ ବିଡ଼ିବା ପାଇଁ - 'ଏହି ଭଦ୍ରବ୍ୟକ୍ତି ମୋତେ ଟଙ୍କା ଦାନ ଦେବାକୁ ଚାହୁଁଛନ୍ତି। ତୁମେ ତାହା ଗ୍ରହଣ କରିପାର।' ତତ୍‌କ୍ଷଣାତ ମା' କହିଲେ-ଏହା କେମିତି ହୋଇପାରିବ। ଟଙ୍କା ଗ୍ରହଣଯୋଗ୍ୟ ନୁହେଁ। ଯଦି ମୁଁ ଏହି ଟଙ୍କାକୁ ଗ୍ରହଣ କରିବି ତେବେ ତାହା ତୁମେ ଗ୍ରହଣ କରିଛ ବୋଲି ଧରାଯିବ। ତୁମର ମହାନ ତ୍ୟାଗ ପାଇଁ ଲୋକମାନେ ତୁମକୁ ସମ୍ମାନ କରନ୍ତି ତେଣୁ କସ୍ମିନ୍ କାଳେ ଗ୍ରହଣ କରିହେବ ନାହିଁ।' ତାଙ୍କର ଏପରି ବୁଦ୍ଧି ଦେଖି ଶ୍ରୀ ରାମକୃଷ୍ଣ ଆଶ୍ୱସ୍ତ ହେଲେ।

ସାଧାରଣ ମଣିଷର ଚକ୍ଷୁରେ ଶ୍ରୀରାମକୃଷ୍ଣ ବିଭୁ ଭକ୍ତିରେ ମାତାଲ୍ ଭଳି ପ୍ରତୀୟମାନ ହୁଅନ୍ତି। ଟଳମଳ ପାଦ, ଚାହାଣି ଅନ୍ତର୍ମୁଖୀ ଓ ସଂସାର ବିମୁଖ ବୈରାଗୀ ଯାହାଙ୍କର ପ୍ରତ୍ୟେକ ଆଚରଣକୁ ଆକଳନ କରିବା ଅସମ୍ଭବ। ମଣିଷର ପାର୍ଥିବ ଦୃଷ୍ଟିରେ ସେ ଧରାପଡ଼ନ୍ତି ନାହିଁ। ମା' କିଭଳି ତାଙ୍କର ଆଧ୍ୟାତ୍ମିକ ଆଚରଣକୁ ଗ୍ରହଣ କରନ୍ତି ତାହା ଜାଣିବା ପାଇଁ ଥରେ ସେ ତାଙ୍କୁ ପରୀକ୍ଷା କଲେ। ପାନ ଭାଙ୍ଗିବା, ତାଙ୍କର ବିଛଣା ସଜାଡ଼ିବା ଏବଂ ଘର ଓଳେଇବା ପାଇଁ ମା'ଙ୍କୁ କହି ଶ୍ରୀ ରାମକୃଷ୍ଣ କାଳୀ ମନ୍ଦିରକୁ ଏକଦା ଚାଲିଗଲେ। ଅଳ୍ପ ସମୟ ମନ୍ଦିରରେ ବିତାଇ ପୁଣି ଥରେ କୋଠରିକୁ ଫେରି ଆସିଲେ। ସେତେବେଳେ ମା' ତାଙ୍କର ନିର୍ଦ୍ଦେଶାନୁସାରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିସାରିଥିଲେ। କିନ୍ତୁ ମା' ଏପରି କାର୍ଯ୍ୟରେ ବ୍ୟସ୍ତ ଥିଲେ ଯେ ତାଙ୍କର ଘର ଭିତରକୁ ପ୍ରବେଶ କରିବା ସେ ଜାଣିପାରିଲେ ନାହିଁ। ତାଙ୍କ ଚକ୍ଷୁ ଥିଲା ଲୋହିତବର୍ଣ୍ଣ, ଟଳମଳ ଚାଲି ଏବଂ କଥାଗୁଡ଼ିକ ଖନି ବାଜିଯାଉଥିଲା। ସେ ମା'ଙ୍କୁ ଡ଼ାକି କହିଲେ- 'ଆଜି ମୁଁ ମଦ ପିଇଛି।' ଶ୍ରୀମା କହିଲେ-'ତୁମେ ମଦ କାହିଁକି ପିଇବ। ତୁମେ ଜଗତଜନନୀ କାଳୀଙ୍କ ପ୍ରେମାମୃତ ପାନ କରିଛ।'


ଅନ୍ୟ ଏକ ଦିନରେ ଶ୍ରୀ ରାମକୃଷ୍ଣ ମା'ଙ୍କୁ ଗୂଢ଼ ଆଧ୍ୟାତ୍ମିକ ଶରୀର ବିଦ୍ୟା, ଶରୀର ମଧ୍ୟରେ ରହିଥିବା ଷଡ଼ଚକ୍ର ସମ୍ବନ୍ଧରେ, ଯୋଗର ରହସ୍ୟ ଉପରେ ଶିକ୍ଷାଦାନ କରିଥିଲେ। ଏଠାରେ ସ୍ମରଣଯୋଗ୍ୟ ଯେ ଶ୍ରୀ ରାମକୃଷ୍ଣଙ୍କର ଅସୁସ୍ଥତା ଭିତରେ ଓ ପରବର୍ତ୍ତୀ ସମୟରେ ମା'ଙ୍କର ଏଭଳି ମନସ୍ତାପରେ ସମୟ ଅତିବାହିତ ହେଉଥିଲା କିନ୍ତୁ ସେ ନିଜର ବ୍ୟକ୍ତିଗତ ଜିନିଷପତ୍ତର ଯତ୍ନ ନେଇପାରୁ ନଥିଲେ।

ବେଳେବେଳେ ଶ୍ରୀ ରାମକୃଷ୍ଣ ମୁହଁ ଅନ୍ଧାର ବେଳେ ନିତ୍ୟକର୍ମ ସମାପନ କରିବାକୁ ଯାଉଥିବା ବେଳେ ଝିଆରୀ ଲକ୍ଷ୍ମୀଦେବୀଙ୍କୁ ଖୁଡ଼ୀଙ୍କୁ ଉଠେଇ ଦେବା ପାଇଁ କହନ୍ତି। କିନ୍ତୁ ଶୀତଋତୁରେ ସେମାନେ ଯେତେବେଳେ ଉଠନ୍ତି ନାହିଁ ଶ୍ରୀ ରାମକୃଷ୍ଣ କୌତୁକ କରି ଏରୁଣ୍ଡି ବନ୍ଧରେ ପାଣି ଢ଼ାଳି ଦିଅନ୍ତି ଓ ଏହାଦ୍ୱାରା ସେମାନଙ୍କ ବିଛଣା ଓଦା ହୋଇଯାଉଥିଲା। ଶ୍ରୀମା କୀର୍ତ୍ତନ ଶୁଣିବାକୁ ଭଲ ପାଉଥିଲେ। ଦକ୍ଷିଣେଶ୍ୱରରେ କୀର୍ତ୍ତନ ହେଉଥିବା ବେଳେ ସେ ନିଜ କୋଠରିର ଉତ୍ତରପଟ ଝରକା ଖୋଲିଦେବାକୁ ରାମଲାଲଙ୍କୁ ନିର୍ଦ୍ଦେଶ ଦିଅନ୍ତି। ସେ ଶ୍ରୀ ରାମକୃଷ୍ଣଙ୍କ କୁହୁକ-ବିଦ୍ୟା, ସିଦ୍ଧ-ବିଦ୍ୟା ଏବଂ ସବୁ ପ୍ରକାରର ଗୁଣିଗାରେଡ଼ି ଓ ଚମତ୍କାରିତାକୁ ଆଦୌ ଭଲ ପାଆନ୍ତି ନାହିଁ। ଏଗୁଡ଼ିକୁ ସେ କାକବିଷ୍ଠା ସମ ତ୍ୟାଗ କରିବାକୁ କହନ୍ତି। ତେବେ କେତେକ ବ୍ୟାଧିର ଆଗୋଗ୍ୟ ନିମନ୍ତେ ମା' ଏକଦା ମନ୍ତ୍ର ପ୍ରାପ୍ତ କରିଥିଲେ ବୋଲି ଜାଣିବାକୁ ପାଇଲେ ଶ୍ରୀ ରାମକୃଷ୍ଣ ଓ ସେହି ମନ୍ତ୍ରଗୁଡ଼ିକୁ ସେ ଇଷ୍ଟଦେବଙ୍କ ପାଦପଦ୍ମରେ ସମର୍ପଣ କରିଦେବାକୁ କହିଥିଲେ।

ଦିନେ ରାତିରେ ଲକ୍ଷ୍ମୀଦେବୀ ଓ ମା' ଆଧ୍ୟାତ୍ମିକ ସଙ୍ଗୀତ ଗାନ କରୁଥିବା ସମୟରେ ମା' ସଙ୍ଗୀତର ଗଭୀରତାରେ ଡୁବି ଯାଇଥିଲେ। ପରଦିନ ମା'ଙ୍କୁ ପ୍ରଶଂସା କରିଥିଲେ ଶ୍ରୀ ରାମକୃଷ୍ଣ। ଯେଉଁଠି ସେ ମଣିଷକୁ ଈଶ୍ୱରାଭିମୁଖୀ ହେବାର ଦେଖନ୍ତି ସେ ତାଙ୍କୁ ଖୁବ୍ ପ୍ରଶଂସା କରନ୍ତି। ଏକଦା ମା' କିଛି ମଲ୍ଲୀଫୁଲ ଓ ମନ୍ଦାର ଫୁଲର କଢ଼ ପାଣିରେ ବତୁରେଇ ସେଥିରେ ଏକ ସୁନ୍ଦର ହାର ତିଆରି କରି ମନ୍ଦିରକୁ ପଠାଇ ଦେଇଥିଲେ। ଏହି ସୁନ୍ଦର ହାରଟିକୁ ମା'ଙ୍କ ଗଳାରେ ଶ୍ରୀମା ନିଜେ ଆସି ଦେଖିବା ପାଇଁ ତାଙ୍କୁ କହିଥିଲେ। କାମାରପୁକୁରରେ ମା' ଅବସ୍ଥାନ କରୁଥିବା ସମୟରେ ସନ୍ନ୍ୟାସୀ ପୂର୍ଣ୍ଣାନନ୍ଦଙ୍କ ଠାରୁ ଗ୍ରହଣ କରିଥିବା ବୀଜମନ୍ତ୍ରକୁ ସେ ମା'ଙ୍କ ଜିହ୍ୱାରେ ଲେଖିଦେଇ ତାଙ୍କୁ ଦୀକ୍ଷିତ କରାଇଥିଲେ। ପରେ ଲକ୍ଷ୍ମୀଦେବୀଙ୍କ ଅନୁରୋଧକ୍ରମେ ଶ୍ରୀ ରାମକୃଷ୍ଣ ମଧ୍ୟ ତାଙ୍କ ଜିଭରେ ରାଧା ଓ କୃଷ୍ଣଙ୍କର ବୀଜ ମନ୍ତ୍ର ଲେଖିଦେଇଥିଲେ। ଶ୍ରୀ ରାମକୃଷ୍ଣଙ୍କ ଆଧ୍ୟାତ୍ମିକ ସାଧନାର ପାହାଚ ପରେ ପାହାଚ ଅତିକ୍ରମ କରିଥିଲେ ଶ୍ରୀମା। ରାତି ତିନିଟାରୁ ଉଠି ମା' ଜପ ଓ ଧ୍ୟାନରେ ନିମଜ୍ଜିତ ହେଉଥିଲେ।

ଦକ୍ଷିଣେଶ୍ୱରରେ ଶ୍ରୀ ରାମକୃଷ୍ଣଙ୍କ କୃପା ବଳରେ ଯେଉଁ କେତେ ଜଣ ଭକ୍ତ ଆଧ୍ୟତ୍ମିକ ଭାବର ସ୍ୱାଦ ଆସ୍ୱାଦନ କରିଥିଲେ ସେମାନଙ୍କ ମଧ୍ୟରୁ ଗୌରୀ ମା' ଥିଲେ ଅନ୍ୟତମ। ଗୌରୀ ମା'ଙ୍କ ପରି ଭାବ ସମାଧିର ସ୍ୱାଦ ଆସ୍ୱାଦନ କରିବାକୁ ଚାହିଁଲେ ଶ୍ରୀମା। ଏଥିପାଇଁ ଲକ୍ଷ୍ମୀଦେବୀଙ୍କ ମାଧ୍ୟମରେ ସେ କରିଥିବା ଅନୁରୋଧକୁ ତତ୍‌କ୍ଷଣାତ ପ୍ରତ୍ୟାଖ୍ୟାନ କରିଥିଲେ ଶ୍ରୀ ରାମକୃଷ୍ଣ। କିନ୍ତୁ ଦିନେ ଗୌରୀ ମା' ତାଙ୍କର ଭାବାତୀତ ଅବସ୍ଥା ଦେଖିଥିଲେ। ରାତ୍ରିରେ ଦିନେ ତାଙ୍କ ପାଖରେ ଶୋଇଥିବା ବେଳେ ହଠାତ ବଂଶୀ ଧ୍ୱନି ଶୁଣି ଶ୍ରୀମା ନିଦରୁ ଉଠି ବସି ପଡ଼ିଲେ ଓ ସେହି ସୁମଧୁର ଝଙ୍କାରର ଗଭୀରତାରେ ସେ କ୍ରମଶଃ ଡୁବିଗଲେ। ଏତାଦୃଶ ଭାବାତିତ ଅବସ୍ଥା ଦେଖି ତଟସ୍ଥ ହୋଇ ରହିଁରହିଲେ ଯୋଗିନୀ ମା'। ମା' ସମାଧିରେ କେତେବେଳେ ହସୁଥିଲେ ତ କେତେବେଳେ ଅଶ୍ରୁମୋଚନ କରୁଥିଲେ। ବହୁ ସମୟ ପରେ ମା' ହୋଇଥିଲେ ପ୍ରକୃତିସ୍ଥ। (କ୍ରମଶଃ)

ମୋ-୯୯୩୭୨୯୦୩୯



ସୁପରସିଲିୟସ୍

ଡକ୍ଟର ସୁରେଶ କୁମାର ନାୟକ

ଅହଂ ବ୍ରହ୍ମାସି। ମୁଁ ହିଁ ସବୁକିଛି। ମୋଠୁ ଉର୍ଦ୍ଧ୍ୱରେ କେହି ନାହାନ୍ତି କିମ୍ବା ମୋ ଠୁ ଭଲ କେହି ନାହାନ୍ତି। ଏକଥା ଆମେ କହୁନୁ। ଏପରି କଛି ଭାବନା ଥାଏ ସୁପରସିଲିୟସ୍ ବ୍ୟକ୍ତିମାନଙ୍କର। ସୁପରସିଲିୟସ୍ ନିଜକୁ ସର୍ବୋଚ୍ଚ ତଥା ସର୍ବୋତ୍ତମ ଭାବୁଥିବା ବ୍ୟକ୍ତିଙ୍କ ସହ ସମ୍ବନ୍ଧିତ ଏକ ଶବ୍ଦ। ଏହି ଶବ୍ଦ ଅନେକଙ୍କର କେବଳ ଆଚରଣ, ଉଚ୍ଚାରଣ ନୁହେଁ ପରବର୍ତ୍ତୀ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥାଏ। ଅନେକ କ୍ଷେତ୍ରରେ ସମ୍ପର୍କ କେବଳ ଭାଙ୍ଗି ନଥାଏ ବରଂ କଥା ଆଇନ ଶୃଙ୍ଖଳା ଆଡ଼କୁ ଚାଲିଯାଇ ନେଡ଼ୀଗୁଡ଼ କହୁଣୀକୁ ବୋହିଯାଇଥାଏ। ଏହାର ଉତ୍ପତ୍ତି ସୁପରସିଲିୟସ୍ ନାମକ ଇଂରାଜୀ ଶବ୍ଦରୁ। ଲାଟିନ ଭାଷାରେ ସୁପରସିଲିୟମ୍ ଶବ୍ଦର ଅର୍ଥ ଆଇ ବ୍ରୋ ଆଖିପତାକୁ ବୁଝାଏ। ରୋମାନ ସଭ୍ୟତାରେ ଭ୍ରୁଲତା ବା ଆଖିପତାକୁ ଉପରକୁ କରିବା ଗର୍ବ ଓ ଅବଜ୍ଞାର ସୂଚକ ହୋଇଥାଏ। ଷୋଡ଼ଶ ଶତାବ୍ଦୀରେ ଶେଷ ଭାଗରେ ପ୍ରଥମେ ଏହି ଶବ୍ଦର ପ୍ରୟୋଗ କରାଯାଇଥିଲା। ଏହି ଶବ୍ଦଟି ଅହଂକାର ଓ ଅବଜ୍ଞାର ନକାରାତ୍ମକ ଅର୍ଥ ବହନ କରିଥାଏ। ଏହି ବ୍ୟକ୍ତିମାନେ ଏଭଳି ସ୍ୱଭାବର ହୋଇଥାନ୍ତି ଯେ ଏମାନେ ଅନ୍ୟ ମାନଙ୍କୁ ଖୁବ ହୀନ ଦୃଷ୍ଟିରେ ଦେଖିଥାନ୍ତି। ଏମାନେ କେବଳ ଅହଙ୍କାରୀ ଓ ଗର୍ବୀ ନୁହେଁ, ଏମାନେ ଅନ୍ୟମାନଙ୍କ ପ୍ରତି ଅନେକାଂଶରେ ନିଷ୍ଠୁର ମଧ୍ୟ ହୋଇଥାନ୍ତି।

ବିଶେଷଜ୍ଞଙ୍କ କହିବା ମୁତାବକ ଏମାନେ ନିଜେ ତଥା ନିଜ ସୁବିଧାକୁ ଖୁବ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଅନ୍ୟ ଅର୍ଥରେ କହିବାକୁ ଗଲେ ଏମାନେ ଆତ୍ମକୈନ୍ଦ୍ରିକ ହୋଇଥାନ୍ତି। ନିଜ ଉତ୍କୃଷ୍ଟତା ବଜାୟ ରଖିବା ପାଇଁ ଏଭଳି ସ୍ୱଭାବର ବ୍ୟକ୍ତିମାନେ ଅନ୍ୟ ମାନଙ୍କ ମତାମତକୁ ଅଣଦେଖା କରନ୍ତି। ଅନ୍ୟମାନଙ୍କ ଠାରୁ ନିଜକୁ ଭଲ ପ୍ରମାଣିତ କରାଇବା ପାଇଁ ଏମାନେ ନିଜ କ୍ଷମତା ବହିର୍ଭୂତ କାମ କରିବାକୁ ମଧ୍ୟ ପଛଘୁଞ୍ଚା ଦିଅନ୍ତି ନାହିଁ। କେବଳ ଏତିକି ନୁହଁ, ଏମାନେ ନିଜକୁ ଅନ୍ୟମାନଙ୍କ ଅପେକ୍ଷା ବୁଦ୍ଧିମାନ, ସଫଳ ଓ ଭଲ ଭାବିଥାନ୍ତି। ଆତ୍ମ ବୋଧିତ ଶ୍ରେଷ୍ଠତାକୁ ପ୍ରମାଣିତ କରାଇବା ପାଇଁ ଏହି ବ୍ୟକ୍ତିମାନେ ନିଜ ସଫଳତା, ବୁଦ୍ଧିମତା ପ୍ରତି ଅନ୍ୟମାନଙ୍କ ବିଶେଷ ଦୃଷ୍ଟି ଆକର୍ଷଣ କରିଥାନ୍ତି। ଏମାନେ ଅନ୍ୟମାନଙ୍କ ଭାବନା ବୁଝନ୍ତି ନାହିଁ ଓ ନିଜ ଅହମିକା କାରଣରୁ ଭାବନା ବ୍ୟକ୍ତ କରିବାରେ ମଧ୍ୟ ସକ୍ଷମ ହୁଅନ୍ତି ନାହିଁ। ଯାହାଫଳରେ ଏମାନେ ସମାଜର ଅନ୍ୟମାନଙ୍କୁ ସହ ସଂଯୋଗ ସ୍ଥାପନ କରିପାରନ୍ତି ନାହିଁ। ଜୀବନଟା ଏପରି ନୁହେଁ ଯେ ନିଃସଙ୍ଗତା ଏବଂ ଅହଂ ବଶତାକୁ ନେଇ ଜଣେ ଜୀଇଁ ପାରିବ। ମଣିଷ ପଣିଆ ସେଇଠି ସାର୍ଥକ ଯେଉଁଠି ଜଣେ ନିଜେ ସାଧାରଣ ହୋଇ ଅନ୍ୟ ମାନଙ୍କ ଠାରୁ ଅସାଧାରଣ ଜ୍ଞାନ ଶିକ୍ଷା କରିପାରେ।

ଅଧ୍ୟକ୍ଷ, ଏସେଲ୍ଲ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨
E-mail : s271169@gmail.com

ଷଷ୍ଠ ଦଶକ



ମହାବାତ୍ୟାରୁ ଅର୍ଣ୍ଣବ

ଓଡ଼ିଶାର ବାତ୍ୟା

ଡ. ପ୍ରଦୀପ କୁମାର ରଥ

ବଙ୍ଗୋପସାଗରର କରାଳ ରୂପ ଓ ଭୌଗୋଳିକ ଅବସ୍ଥିତି ଯୋଗୁଁ ଓଡ଼ିଶା ଚିରକାଳ ପ୍ରାକୃତିକ ବିପର୍ଯ୍ୟୟର ପ୍ରଥମ ଲକ୍ଷ୍ୟ ହୋଇ ରହିଆସିଛି। ପ୍ରତିବର୍ଷ ବର୍ଷାଋତୁ ପରେ କିମ୍ବା ଗ୍ରୀଷ୍ମଋତୁର ଶେଷ ଭାଗରେ ସମୁଦ୍ରରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହେବା ଓଡ଼ିଶାବାସୀଙ୍କ ଭାଗ୍ୟଲିପି ଭଳି ପ୍ରତୀତ ହୁଏ। ଐତିହାସିକ ପୃଷ୍ଠା ଲେଉଟାଇଲେ ୧୯୭୧ ମସିହାରେ କେନ୍ଦ୍ରାପଡ଼ାର ମହାକାଳପଡ଼ା ଓ ରାଜନଗରରେ ହୋଇଥିବା ପ୍ରଳୟଙ୍କରୀ ବାତ୍ୟାରେ ସରକାରୀ ହିସାବରେ ପ୍ରାୟ ଦଶ ହଜାର ଲୋକଙ୍କ ସଲିଳ ସମାଧି ଘଟିଥିଲା। ତେବେ ୧୯୯୯ ମସିହାର ଅଭୁଲା ମହାବାତ୍ୟାଠାରୁ ଆରମ୍ଭ କରି ବର୍ତ୍ତମାନର ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ପୂର୍ବାନୁମାନ ମଧ୍ୟରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଯେଉଁ ଯୁଗାନ୍ତକାରୀ ରୂପାନ୍ତରଣ ହାସଲ କରିଛି, ତାହା ବିଶ୍ୱ ଇତିହାସରେ ଏକ ଅନନ୍ୟ ମଡେଲ।



ଏହା କେବଳ ଧନଜୀବନ ହରାଇବାର ଏକ ଦୁଃଖଦ ଇତିହାସ ନୁହେଁ; ବରଂ ଅସହାୟତାର ଭଗ୍ନସ୍ତୂପ ତଳୁ ସାହସ, ଉଚ୍ଚ ବୈଜ୍ଞାନିକ ପ୍ରଯୁକ୍ତି ଏବଂ ସମର୍ପିତ ପ୍ରଶାସନିକ ଇଚ୍ଛାଶକ୍ତି ବଳରେ ପୁନର୍ବାର ମୁଣ୍ଡ ଟେକି ଠିଆ ହେବାର ଏକ ଅଦମ୍ୟ ସଂଘର୍ଷ ଗାଥା। ବଙ୍ଗୋପସାଗରର ଫନେଲ୍ ସଦୃଶ ତ୍ରିକୋଣାକାର ସଂକୀର୍ଣ୍ଣ ଉପକୂଳ ଏବଂ ଓଡ଼ିଶାର ଅଗଭୀର ସମୁଦ୍ର ଶଯ୍ୟା ଉଚ୍ଚ ସାମୁଦ୍ରିକ ଜୁଆରକୁ ବହୁଗୁଣିତ କରି ସ୍ଥଳଭାଗ ଆଡ଼କୁ ଠେଲି ଦେଇଥାଏ। ଏଥିସହିତ ସମୁଦ୍ର ପୃଷ୍ଠର ତାପମାତ୍ରା ପ୍ରାୟତଃ ୨୮ ରୁ ୩୦ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବା ଦ୍ୱାରା ବାଷ୍ପୀଭବନ ଦ୍ରୁତତର ହୋଇ ଘୂର୍ଣ୍ଣିଝଡ଼ ପାଇଁ ପ୍ରଚୁର ତାପଜ ଶକ୍ତି ଯୋଗାଇଥାଏ। ବିଶ୍ୱ ତାପମାୟନ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ତ୍ତମାନ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପଗୁଡ଼ିକ ଖୁବ୍ କମ୍ ସମୟ ଭିତରେ ଭୟଙ୍କର ବାତ୍ୟାରେ ରୂପାନ୍ତରିତ ହେଉଛନ୍ତି, ଯାହା ଉପକୂଳ ଓଡ଼ିଶା ପାଇଁ ଏକ ନିରନ୍ତର ଚ୍ୟାଲେଞ୍ଜ ସୃଷ୍ଟି କରିଛି।

୧୯୯୯ ଅକ୍ଟୋବର ୨୯ ଓ ୩୦ ତାରିଖରେ ପାରାଦୀପ ନିକଟରେ ସ୍ଥଳଭାଗ ଛୁଇଁଥିବା ମହାବାତ୍ୟା ଥିଲା ଆଧୁନିକ ଓଡ଼ିଶା ଇତିହାସର ସବୁଠାରୁ ଭୟଙ୍କର ପ୍ରଳୟ। ଘଣ୍ଟାପ୍ରତି ୨୬୦ ରୁ ୩୦୦ କିଲୋମିଟର ବେଗରେ ପ୍ରବାହିତ ଝଡ଼ ପବନ ଏବଂ ୨୦ ରୁ ୩୦ ଫୁଟ ଉଚ୍ଚର ସାମୁଦ୍ରିକ ଜୁଆର କେବଳ ଜଗତସିଂହପୁର କିମ୍ବା ଏରସମାକୁ ନୁହେଁ; ବରଂ କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ ଢେଙ୍କାନାଳ ସମେତ ୧୪ଟି ଜିଲ୍ଲା ଅର୍ଥାତ୍ ଅର୍ଦ୍ଧେକ ଓଡ଼ିଶାକୁ ସମ୍ପୂର୍ଣ୍ଣ ଧ୍ୱଂସସ୍ତୂପରେ ପରିଣତ କରିଥିଲା। ଏଥିରେ ପ୍ରାୟ ୧.୩ କୋଟି ଲୋକ ପ୍ରଭାବିତ ହୋଇଥିବା ବେଳେ ସରକାରୀ ହିସାବରେ ୯,୮୮୭ ଏବଂ ବେସରକାରୀ ଭାବେ ଦଶ ହଜାରରୁ ଊର୍ଦ୍ଧ୍ୱ ଜୀବନ ଦୀପ ଲିଭିଯାଇଥିଲା। ପ୍ରାୟ ୪.୫ ଲକ୍ଷ ଗୃହପାଳିତ ପ୍ରାଣୀ ମୃତ୍ୟୁବରଣ କରିଥିଲେ। ସେହି ମହାବିପର୍ଯ୍ୟୟରେ ରାଜ୍ୟର ସମସ୍ତ ବିଦ୍ୟୁତ୍, ଟେଲିଫୋନ୍, ରେଳ ଏବଂ ସଡ଼କ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ସମଗ୍ର ବିଶ୍ୱରୁ ଓଡ଼ିଶା ଅଲଗା ହୋଇପଡ଼ିଥିଲା। ୧୭ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଲୁଣାପାଣି ମାଡ଼ି ଧାନଫସଲ ନଷ୍ଟ ହୋଇଥିଲା ଏବଂ ପ୍ରାୟ ୨୦ ଲକ୍ଷ ବାସଗୃହ ଭାଙ୍ଗି ମାଟିରେ ମିଶିଥିଲା। ତତ୍କାଳୀନ ସରକାରୀ ଆକଳନ ଅନୁସାରେ ପ୍ରାୟ ୬,୨୨୮ କୋଟି ଟଙ୍କାର ପ୍ରତ୍ୟକ୍ଷ ସମ୍ପତ୍ତି କ୍ଷତି ଘଟିଥିବା ବେଳେ ରାଜ୍ୟ ରାଜକୋଷ ତଥା ବିଶ୍ୱବ୍ୟାଙ୍କ ଓ କେନ୍ଦ୍ରୀୟ ଅନୁଦାନ ସହାୟତାରେ ପୁନରୁଦ୍ଧାର କାର୍ଯ୍ୟରେ ୪,୦୦୦ କୋଟିରୁ ଅଧିକ ଟଙ୍କା ବ୍ୟୟ କରିବାକୁ ପଡ଼ିଥିଲା।

ମହାବାତ୍ୟାର ଦୀର୍ଘ ୧୪ ବର୍ଷ ପରେ ୨୦୧୩ ଅକ୍ଟୋବର ୧୨ ତାରିଖରେ ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ଆଘାତ ଆଣିଥିଲା ବାତ୍ୟା 'ଫାଇଲିନ୍'। ଘଣ୍ଟାପ୍ରତି ୨୧୫ ରୁ ୨୨୫ କିଲୋମିଟର ବେଗରେ ଆସିଥିବା ଏହି ବାତ୍ୟାରେ ପ୍ରାୟ ୧.୩୨ କୋଟି ଲୋକ ପ୍ରଭାବିତ ହୋଇଥିଲେ। ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧାରେ ବିଦ୍ୟୁତ୍ ଓ ସଡ଼କ ଭିତ୍ତିଭୂମି ଛାରଖାର ହେବା ସହ ୫ ଲକ୍ଷ ହେକ୍ଟର ଫସଲ ନଷ୍ଟ ହୋଇଥିଲା। ଏଥିରେ ସରକାରୀ ଆକଳନ ଅନୁସାରେ ପ୍ରାୟ ୪,୨୪୦ କୋଟି ଟଙ୍କାର କ୍ଷୟକ୍ଷତି ଘଟିଥିବା ବେଳେ ତତ୍କାଳୀନ ମରାମତି ଓ ରିଲିଫ୍ ପାଇଁ ୨,୦୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୧୪ ଅକ୍ଟୋବରରେ ଘଣ୍ଟାପ୍ରତି ୧୦୦ ରୁ ୧୨୦ କିଲୋମିଟର ପବନ ବେଗ ସହ ଆସିଥିବା ବାତ୍ୟା 'ହୁଡ୍‌ହୁଡ୍' ବିଶାଖାପାଟଣା ନିକଟରେ ସ୍ଥଳଭାଗ ଛୁଇଁଥିଲେ ମଧ୍ୟ ଓଡ଼ିଶାର କୋରାପୁଟ, ମାଲକାନଗିରି ଓ ରାୟଗଡ଼ାରେ ପ୍ରବଳ ବର୍ଷା ଓ ଭୂସ୍ଖଳନ କରାଇ ପ୍ରାୟ ୫୦୦ କୋଟି ଟଙ୍କାର ଆଞ୍ଚଳିକ ଭିତ୍ତିଭୂମି ନଷ୍ଟ କରିଥିଲା।



১০৫৮ শেখজনতার ঝিনুটি ৫৮০ ও ৫৮০ তিলোনিত তেতাল শাহিনা তাঁতী, 'উত্তরী' শ্যুপাঁহাড় থাত তাতিয়া তত্তাত তাতুটি ও ঞাঞ্চাগ চোহাগ্রী শাঞ্চতন ঘুরুশা তাতিয়া, তেঁহুটিয়ে ১০ঘ শাঘত ঝোঝ ও ঘভাগ ঘভাগ ঘুরুশা তাতিয়া। তাঘা ঘুরুশা তাতিয়া। ঘাঘা ঘুরুশা তাতিয়া। ঘাঘা ঘুরুশা তাতিয়া। ঘ

ପ୍ରଥମ ପୃଷ୍ଠା



ଢଲୁଆ ଛାତ (ହିପଡ୍ ରୁଫ୍) ବିଶିଷ୍ଟ କୋଠା ନିର୍ମାଣକୁ ପ୍ରୋତ୍ସାହିତ କରାଯିବା ଉଚିତ୍, ଯାହା ପ୍ରବଳ ପବନର ଚାପକୁ ସହଜରେ କାଟିଦେଇପାରିବ। ସମସ୍ତ ଉପକୂଳ ସହରରେ ବିଦ୍ୟୁତ୍ ତାରକୁ ଭୂତଳ (ଅଣ୍ଡରଗ୍ରାଉଣ୍ଡ କେବ୍ଲିଂ) କରାଯିବା ସହ କଳଙ୍କି-ପ୍ରତିରୋଧକ ଷ୍ଟିଲ୍ ଓ ସଲଫେଟ୍-ସହନଶୀଳ ସିମେଣ୍ଟ ବ୍ୟବହାରକୁ ଆଇନଗତ ରୂପ ଦେବା ଏବଂ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ନିୟମାବଳୀର କଠୋର ପାଳନ ପୂର୍ବକ ନଦୀ ଓ ପ୍ରାକୃତିକ ଆର୍ଦ୍ରଭୂମିର ସଂରକ୍ଷଣ ନିତାନ୍ତ ଅପରିହାର୍ଯ୍ୟ।

ଏହା ସହିତ ପ୍ରକୃତିର ସୁରକ୍ଷା ପାଇଁ ଏକ ବୈଜ୍ଞାନିକ 'ସବୁଜ ସୁରକ୍ଷା ବଳୟ' (ବିଓ ସିଲଡ୍) ଗଠନ କରିବା ଏକାନ୍ତ ଆବଶ୍ୟକ। ଭିତରକନିକାର ବିସ୍ତୃତ ହେନ୍ତାଳବଣ (ମାନଗ୍ରୋଭସ୍) ଯେଭଳି ଭାବେ ୧୯୯୯ ମହାବାତ୍ୟା ଓ ୨୦୨୪ 'ଦାନା' ସମୟରେ ପ୍ରାକୃତିକ କାନ୍ଥ ସାଜି କେନ୍ଦ୍ରାପଡ଼ାକୁ ମହାବିପତ୍ତିରୁ ରକ୍ଷା କଲା, ତାହା ପ୍ରମାଣ କରେ ଯେ ଉପକୂଳରେ ହେନ୍ତାଳବଣର ପୁନରୁଦ୍ଧାର ଏକ ବଡ଼ ସୁରକ୍ଷା କବଚ। ସମୁଦ୍ର କୂଳଠାରୁ ୫୦୦ ମିଟର ପର୍ଯ୍ୟନ୍ତ ବହୁସ୍ତରୀୟ ଝାଉଁ ଜଙ୍ଗଲ ସୃଷ୍ଟି କରାଗଲେ ତାହା ପବନର ବେଗକୁ ୩୦ ରୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଦେଇଥାଏ।

ଅନ୍ୟପକ୍ଷରେ, ସହରାଞ୍ଚଳ ଓ ରାସ୍ତାକଡ଼ରେ କୃଷ୍ଣଚୂଡ଼ା କିମ୍ବା ୟୁକାଲିପ୍ଟସ୍ ଭଳି ଦୁର୍ବଳ ଚେର ଥିବା ବିଦେଶୀ ଗଛ ନ ଲଗାଇ ବର, ଓସ୍ତ, ନିମ, କରଞ୍ଜ, ଜାମୁକୋଳି ଓ ତାଳ ଭଳି ଗଭୀର ଚେରଯୁକ୍ତ ପାରମ୍ପରିକ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

୧୯୯୯ର ଅସହାୟତା ଆଜିର ଆତ୍ମବିଶ୍ୱାସରେ ରୂପାନ୍ତରିତ ହୋଇଛି ସତ, କିନ୍ତୁ କେବଳ ମୃତ୍ୟୁସଂଖ୍ୟା ରୋକିବା ଆଜିର ଯୁଗରେ ଯଥେଷ୍ଟ ନୁହେଁ। ଉପକୂଳବାସୀଙ୍କ ଜୀବନ ସହ ସେମାନଙ୍କ ଜୀବିକା, କୃଷି ଓ ରାଜ୍ୟର ଅର୍ଥନୀତିକୁ ସୁରକ୍ଷା ଦେବା ପାଇଁ ଏବେ ପ୍ରାକୃତିକ ସୁରକ୍ଷା ବଳୟ, ଭୂତଳ ଭିତ୍ତିଭୂମି ଓ ବାତ୍ୟା-ସହନଶୀଳ ନଗର ଯୋଜନାକୁ ଏକ ମିଶନ ଭାବେ ଗ୍ରହଣ କରିବାର ସମୟ ଆସିଛି। ପ୍ରକୃତିର କରାଳ ରୂପ ସହ ପ୍ରତିଯୋଗିତା ନୁହେଁ, ବରଂ ଉନ୍ନତ ବିଜ୍ଞାନ, ସାମାଜିକ ସହଭାଗିତା ଏବଂ ଦୂରଦୃଷ୍ଟିସମ୍ପନ୍ନ ସହନଶୀଳତା ହିଁ ଆଗାମୀ ଓଡ଼ିଶାର ଭବିଷ୍ୟତକୁ ସୁରକ୍ଷିତ ରଖିପାରିବ।

ମୋବାଇଲ୍ ନଂ: ୯୪୩୭୫୦୦୫୫୬

ମନକୁ ଆସିଲା ଯାହା

ଗୁଜବକୁ ଉତ୍ତର ନାହିଁ..!!



ସୌମ୍ୟଶ୍ରୀ ପାଣିଗ୍ରାହୀ

ଖବର ଆସିଲା, ଐସା ହୋଗା.. ୱେଇସା ହୋଗା.. ପବନ ହେବ, ଉଡ଼େଇ ନେବ, ଏମିତି କେତେ କଣ.. କିନ୍ତୁ ହେଲା କଣ...! କିଛି ନାହିଁ...! ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟଟେ ଜନ୍ମ ନେଲା, ନାଁ ତା'ର ଦିଆଗଲା, 'ଅର୍ଣ୍ଣବ'। ଶୁଣିଲେ ଲାଗିଲା, ଯେମିତି କୌଣସି ସୁନ୍ଦର ଉପନ୍ୟାସର ନାୟକ ନିଜ ପ୍ରେମିକାକୁ ଖୋଜି ଆସୁଛି। କିନ୍ତୁ ଏ ନାୟକ ହାତରେ ଗୋଲାପ ଧରି ଆସୁ ନଥିଲା, ସାଙ୍ଗରେ ଆଣୁଥିଲା ପବନ, ବର୍ଷା ଓ ଏପଟେ ଲୋକଙ୍କ ଛାତିରେ ଛନକା...! ପ୍ରେମିକା ରାଗିଲେ ହୁଏତ ମଣିଷ ମନେଇପାରେ, ହେଲେ ବାତ୍ୟା ରାଗିଲେ ତାକୁ କିଏ ମନେଇବ..??

ଏମିତିରେ ବି ଅକ୍ଟୋବର ମାସରେ ଓଡ଼ିଶାବାସୀଙ୍କର ଛତା, ଗାମୁଛା ଓ ମନର ଶାନ୍ତି - ଏ ତିନୋଟି ଯାକର ପରୀକ୍ଷା ହୁଏ। ଗୋଟିଏ ପଟେ ଥାଏ ଶାରଦୀୟ ପାର୍ବଣର ମିଠାସ୍ମୃତି, ଅନ୍ୟ ପଟେ ହାଲୁକା ଶୀତର ଆଗମନୀ ସଙ୍ଗୀତ; ଠିକ୍ ସେତିକିବେଳେ ବଙ୍ଗୋପସାଗର କହେ, 'ଭାଇ, ଟିକେ ରହିଯାଅ..! ମୋ ପାଖରେ ଆଉ ଗୋଟେ ସରପ୍ରାଇଜ୍ ଅଛି..!' ଆଉ ସେହି ସରପ୍ରାଇଜ୍‌ର ନାମ, ଅର୍ଣ୍ଣବ...! ପାଣିପାଗ ବିଭାଗର ସୂଚନା ଅନୁସାରେ, ଅର୍ଣ୍ଣବ ନାମକ ବାତ୍ୟା ଆସିଲା। ଓଡ଼ିଶାବାସୀ ଛାନିଆ ହେଲେ।

ମହାବାତ୍ୟା ପରଠୁଁ ଓଡ଼ିଶା ବୋଧେ ବାତ୍ୟାର ମାମୁଁଘର ପାଲଟିଯାଇଛି। ଉଣାଅଧିକେ ପ୍ରତିବର୍ଷ ଅକ୍ଟୋବରରେ ଗୋଟେ ଯୋଡ଼େ ବାତ୍ୟା ଆସିବାଟା ଥୟ...! କେବେ ଫାଇଲିନ, କେବେ ହୁଡ଼ହୁଡ଼, କେବେ ଅମ୍ଫାନ, ଫନୀ କି ମୋନ୍ଥା, ନହେଲେ ଏବେ ଅର୍ଣ୍ଣବ। ପବନର ବେଗ ଘଣ୍ଟାପ୍ରତି ୧୨୫ କିଲୋମିଟର ହେବା ସହ ଝଟକାର ବେଗ ୧୪୦ କିଲୋମିଟର ପର୍ଯ୍ୟନ୍ତ ଯିବାର ସମ୍ଭାବନା। ଛାତିରେ ଛନକା ପଶିବ ନାଁ ନାହିଁ...! ଅବଶ୍ୟ ଏଥର ବାତ୍ୟା ଆନ୍ଧ୍ରମୁହାଁ ହେଲା, କିନ୍ତୁ ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେଲା। ରାସ୍ତାଘାଟ ବୁଡ଼ିଗଲା, ପୁରୀ ଜିଲ୍ଲାରେ ଲଗାଣ ବର୍ଷାରେ କାନ୍ଥପଡ଼ି ଜଣଙ୍କର ମୃତ୍ୟୁ ହେଲା। ୨-୪ ଦିନ ଖୁବଜୋର ବର୍ଷାରେ ହାଲବେହାଲ ହେଲା। କ୍ଷୟକ୍ଷତି ଯେତିକି ପୂର୍ବାନୁମାନ କରାଯାଉଥିଲା, ତା'ଠାରୁ ଖୁବ କମ ହେଲା। ହାଲୁକାରେ ବାତ୍ୟା ପାରେଇଗଲା।

କିନ୍ତୁ ଆମ ଓଡ଼ିଶାରେ ବାତ୍ୟାର ଗତିଠାରୁ ଅଧିକ ଦ୍ରୁତଗତିରେ ଚାଲେ ଖବରର ଗତି। ବାତ୍ୟା ସମୁଦ୍ରରେ ଥାଏ, ଖବର ପହଞ୍ଚିଯାଏ ଗାଁ ମୁଣ୍ଡର ଚା' ଦୋକାନରେ। ପବନ ସେପର୍ଯ୍ୟନ୍ତ ଗଛର ପତ୍ରକୁ ମଧ୍ୟ ହଲେଇ ନଥାଏ, କିନ୍ତୁ ହ୍ୱାଟ୍‌ସଆପ୍‌ରେ ଶହଶହ ଗଛ ଉପୁଡ଼ି ସାରିଥାଏ...! ଟିଭି ନ୍ୟୁଜରେ ଆଙ୍କର ଛତାଧରି ଚିତ୍କାର କରୁଥାଏ ମାଡିଆସୁଛି, ବାତ୍ୟା...ପଛରୁ ପବନର ସୁ ସୁ ଗର୍ଜନ ସାଙ୍ଗକୁ ସ୍କ୍ରିନରେ ଗଛ ଉପୁଡ଼ିବାର ଦୃଶ୍ୟ... ଏଥିରେ ମଣିଷ ଡରିବ ନାଁ ନାହିଁ...!

ଆମ ସକାଳୁଆ ଚା'ଖଟିରେ ଜଣେ ଭଦ୍ରବ୍ୟକ୍ତି ଗମ୍ଭୀର ସ୍ୱରରେ କହିଲେ, 'ମୁଁ ଭିତିରିଆ ଖବର ପାଇଛି। ଏଥର ବାତ୍ୟା ବହୁତ ଭୟଙ୍କର ହେବ..!' କେହିଜଣେ ପଚାରିଲା, 'କେଉଁଠୁ ପାଇଲେ?' ଭଦ୍ରବ୍ୟକ୍ତି ଛାତିଫୁଲେଇ କହିଲେ, 'ମୋ ଭଣଜାର ସାଙ୍ଗର ଶଳାଙ୍କ ପଡ଼ୋଶୀଙ୍କ ମୋବାଇଲ୍‌ରେ ଆସିଛି..!' ବୈଜ୍ଞାନିକମାନେ ଉପଗ୍ରହ ଓ ରାଡାର ମାଧ୍ୟମରେ ବାତ୍ୟାକୁ ଦେଖି, ଏହାର ଗତିପଥ ଆକଳନ କରନ୍ତି; କିନ୍ତୁ ଆମ ଦେଶୀ ବିଶେଷଜ୍ଞମାନେ ମୋବାଇଲ୍‌ରେ ବାତ୍ୟାର ଭବିଷ୍ୟତ ଦେଖିପାରନ୍ତି। ବିଜ୍ଞାନର ଏତେ ଉନ୍ନତି ପରେ ମଧ୍ୟ ଆମେ ଗୋଟିଏ କଥା ବୁଝିପାରିନୁ, ପ୍ରତ୍ୟେକ ଫରୱାର୍ଡ ହୋଇଥିବା ମେସେଜ୍‌ଟି ପାଣିପାଗ ବିଭାଗର ଗୁପ୍ତ ରିପୋର୍ଟ ନୁହେଁ...!

ବାତ୍ୟା ଆସିବ ବୋଲି ଖବର ମିଳିବା ମାତ୍ରେ ପ୍ରତିଟି ଓଡ଼ିଆଘରେ ଏକ ଅଘୋଷିତ ମନ୍ତ୍ରିମଣ୍ଡଳ ଗଠନ ହୋଇଯାଏ। ଘରର ମା' ଖାଦ୍ୟ ଓ ରାସନ ବିଭାଗର ମନ୍ତ୍ରୀ, ବାପା ବଜାର ଓ ବିଦ୍ୟୁତ୍ ବିଭାଗର ମନ୍ତ୍ରୀ, ପିଲାମାନେ ମୋବାଇଲ୍ ଚାର୍ଜିଂ ବିଭାଗର ମନ୍ତ୍ରୀ, ଆଉ ଜେଜେବାପା ଟିଭି ଆଗରେ ବସି ସମସ୍ତଙ୍କୁ ପରାମର୍ଶ ଦେଉଥିବା ମୁଖ୍ୟ ଉପଦେଷ୍ଟା ପାଲଟି ଯାଆନ୍ତି। ଆରମ୍ଭହୁଏ ମା'ଙ୍କର ପ୍ରଥମ ଘୋଷଣା, 'ଚାଉଳ, ଡାଲି, ଆଳୁ, ପିଆଜ ସବୁ ଆଣି ରଖ। ବାତ୍ୟା ବେଳେ କିଛି ମିଳିବନି।' ବାପା ବଜାରକୁ ଦୌଡ଼ନ୍ତି। ଫେରିବାବେଳେ ଦେଖାଯାଏ, ଚାଉଳଠାରୁ ଅଧିକ ଆଣିଛନ୍ତି ବିଭିନ୍ନ କିସମର ଚେନାଚୁର, ବିସ୍କୁଟ୍ ଓ ମୁଢ଼ି। କାରଣ ପଚାରିଲେ ଉତ୍ତର ମିଳେ, 'ବାତ୍ୟା ସମୟରେ ଶକ୍ତି ଦରକାର ନା ନାହିଁ?' ପିଲାମାନେ ନିଜ ନିଜ ମୋବାଇଲ୍ ଚାର୍ଜର୍ ଖୋଜନ୍ତି। ମୋବାଇଲ୍‌ରେ ୯୮ ପ୍ରତିଶତ ଚାର୍ଜ ଥିଲେ ମଧ୍ୟ ମନଶାନ୍ତି ହୁଏନି, ସତେଯେମିତି ଆଉ କିଛି ଘଣ୍ଟା ଚାର୍ଜ କରିଦେଲେ ୧୧୮% ଚାର୍ଜ ହୋଇରହିବ। କାରଣ, ବିଦ୍ୟୁତ୍ ଚାଲିଗଲେ ବାତ୍ୟାର ଖବର କେମିତି ଦେଖିବେ? ବାହାରେ ପବନ ବହୁ କି ନ ବହୁ, ଭିତରେ ଇଣ୍ଟରନେଟ୍ ନ ଚାଲିଲେ ସେମାନଙ୍କ ପାଇଁ ସେଇଟା ଆଉ ଏକ ଜାତୀୟ ବିପର୍ଯ୍ୟୟ ପାଲଟିଯିବ...! ଏହି ସମୟରେ ଦାଣ୍ଡଘରୁ ଶୁଭେ ଜେଜେବାପାଙ୍କ ଘୋଷଣା, 'ଆମ ସମୟରେ ଏତେ ହୋହଲ୍ଲା ନଥିଲା। ଆକାଶ କଳା ହେଲେ ଆମେ ବୁଝିଯାଉଥିଲୁ।' ନାତି ପଚାରେ, 'ଜେଜେ, ଆପଣଙ୍କ ସମୟରେ ବାତ୍ୟାର ଲାଇଭ୍ ଅପଡେଟ୍ କେମିତି ପାଉଥିଲେ?' ଜେଜେ ଗର୍ବରେ କହନ୍ତି, 'ଆମେ ଆକାଶକୁ ଦେଖି ଜାଣିଯାଉଥିଲୁ..!' ନାତି ଆଶ୍ଚର୍ଯ୍ୟ ହୋଇ କହିଉଠେ, 'ବାଃ.. ବାଃ..!!'

ସତକଥା ହେଉଛି, ପ୍ରକୃତିର ବିପଦକୁ ଆମେ ରୋକିପାରିବା ନାହିଁ, କିନ୍ତୁ ଅଜ୍ଞତାର ବିପଦକୁ ନିଶ୍ଚୟ କମେଇପାରିବା। ଦୁର୍ଭାଗ୍ୟବଶତଃ, ବାତ୍ୟା ସମୟରେ ଅନେକ ଲୋକଙ୍କ ମୋବାଇଲ୍ ଫୋନ୍‌ରେ ଏପରି ଖବର ଆସେ, ଯାହାର ସତ୍ୟତା ଯାଞ୍ଚ କରିବାକୁ ଖବର ନିଜେ ମଧ୍ୟ ଲଜ୍ଜା ଅନୁଭବ କରିବ! ଗୋଟିଏ ମେସେଜ୍‌ରେ ଲେଖାଥାଏ, 'ଆଜି ରାତିରେ ଘରୁ ବାହାରିଲେ ବିପଦ!' ଆଉ ଗୋଟିଏରେ, 'ଏହି ଗଛ ତଳେ ରହିଲେ ବାତ୍ୟା ଛୁଇଁବ ନାହିଁ!' ତୃତୀୟଟିରେ ଥାଏ ଗୋଟିଏ ପୁରୁଣା ଭିଡିଓ, ଯାହାର ଦୃଶ୍ୟ ଅନ୍ୟ ଦେଶର, କିନ୍ତୁ କ୍ୟାପ୍‌ସନ୍‌ରେ ଲେଖା 'ଏବେ ଆମ ଗାଁର ଅବସ୍ଥା'.. .ଓ ଏମିତି କେତେ କ'ଣ..!!

ଅର୍ଣ୍ଣବ ଏଥର ବି ଓଡ଼ିଶାରେ ପହଞ୍ଚି ନଥିଲା, ସମୁଦ୍ର ଭିତରେ ବଳ ଗୋଟାଉଥିଲା, ହେଲେ ଗୁଜବ ଆଗୁଆ ଆସି ଘରେ ହାଜର। ହେଇ, ବାତ୍ୟାର ଆଖି ଦେଖାଗଲା, ବାତ୍ୟାର ଗତି ଘଣ୍ଟାପ୍ରତି ଶହେ କିଲୋମିଟର ହୋଇପାରେ, କିନ୍ତୁ ଗୁଜବର ଗତି ତା'ଠାରୁ ଅଧିକ, କାରଣ ଏହାକୁ ଇନ୍ଧନ କି ବଳ ଦରକାର ନାହିଁ, କେବଳ ଗୋଟିଏ ଆତଙ୍କିତ ମଣିଷ ଦରକାର! ଏଠି ଚିନ୍ତାର ବିଷୟ ହେଉଛି, ଆମେ କେବେ ଆଧିକାରିକ ସତର୍କତା ପଢ଼ିବାକୁ ପାଞ୍ଚମିନିଟ୍ ସମୟ ଦେଉନାହୁଁ, କିନ୍ତୁ 'ବହୁତ ଭୟଙ୍କର ଖବର' ଲେଖାଥିବା ମେସେଜ୍‌କୁ ଆଗେ ପାଞ୍ଚଜଣଙ୍କ ପାଖକୁ ଫରୱାର୍ଡ଼ କରିବାକୁ ପାଞ୍ଚସେକେଣ୍ଡ ମଧ୍ୟ ନେଉନାହୁଁ...! ବୁଝିବାକଥା, ଖବରର ପ୍ରକୃତଉତ୍ସ ଜାଣି ନଥିଲେ ତାହାକୁ ସତ୍ୟ ବୋଲି ଧରିନେବା ଆଦୌ ଉଚିତ୍ ନୁହେଁ। ପାଣିପାଗ ବିଭାଗ, ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ଅନୁସରଣ କରିବା ହିଁ ବୁଦ୍ଧିମାନର କାମ।

ବାତ୍ୟା ଆସିବା ଖବରରେ ଗାଁରେ ଏକ ଅଲଗା ପ୍ରକାରର ନାଟକ ଆରମ୍ଭ ହୋଇଯାଏ। ଛାତ ଉପରେ ଥିବା ଟିଣ ଚାଦର, ବାରଣ୍ଡାରେ ଶୁଖୁଥିବା କପଡ଼ା, ଅଗଣାରେ ଥିବା ପ୍ଲାଷ୍ଟିକ୍ ବାଲ୍ଟି, ସମସ୍ତଙ୍କ ମନରେ ଏକ ପ୍ରଶ୍ନ: 'ଆମଭାଗ୍ୟରେ କ'ଣ ଅଛି?' ଘରର ମୁଖିଆ ଛାତ ଉପରକୁ ଚଢ଼ି ଟିଣ ଯାଞ୍ଚ କରନ୍ତି। ତଳୁ ପତ୍ନୀଙ୍କ ଚିତ୍କାର, 'ସାବଧାନ! ପବନ ଆସିବା ଆଗରୁ ତୁମେ ତଳକୁ ପଡ଼ିଯିବନି ତ..!' ମୁଖିଆ କହନ୍ତି, 'ମୁଁ ଘରକୁ ସୁରକ୍ଷିତ କରୁଛି!' ପତ୍ନୀଙ୍କ ଉତ୍ତର ଶୁଭେ, 'ପ୍ରଥମେ ନିଜକୁ ସୁରକ୍ଷିତ କର। ଘରର ଛାତ ଉଡ଼ିଗଲେ ଆଉ ଗୋଟିଏ ଲଗେଇହେବ, ତୁମେ ଉଡ଼ିଗଲେ ଆଉଗୋଟେ କୋଉଁଠୁ ଆଣିବି?' ମଜାର କଥା ଅଲଗା, କିନ୍ତୁ ବାତ୍ୟା ସମୟରେ ଖୋଲାଛାତ, ଢିଲାଟିଣ, ବିଦ୍ୟୁତ୍ ତାର, ଗଛ ଓ ଅସୁରକ୍ଷିତ ଘର ପ୍ରକୃତ ବିପଦ ସୃଷ୍ଟି କରିପାରେ। ତେଣୁ ଶେଷ ମୁହୂର୍ତ୍ତରେ ଛାତଉପରେ ଚଢ଼ି ବୀରତ୍ୱ ଦେଖାଇବାଠାରୁ ବରଂ ଆଗରୁ ସ୍ଥିତି ଯାଞ୍ଚକରିନେବା ଭଲ। ପରିସ୍ଥିତି ଅସୁରକ୍ଷିତ ହେଲେ ସୁରକ୍ଷିତ ଆଶ୍ରୟକୁ ଯିବା ହିଁ ପ୍ରକୃତ ସାହସ।

ଆମେ ମଣିଷମାନେ ବହୁତ ଗର୍ବ କରୁ। କହୁ, ଚନ୍ଦ୍ରରେ ପହଞ୍ଚିଲୁ, ମଙ୍ଗଳ ଗ୍ରହକୁ ଯାନ ପଠାଇଲୁ, କୃତ୍ରିମ ବୁଦ୍ଧିମତା ତିଆରି କଲୁ, ମୋବାଇଲ୍ ଭିତରେ ସାରାଦୁନିଆକୁ ରଖିଦେଲୁ। କିନ୍ତୁ ନିଜକୁ ବଦଳେଇ ପାରିଲୁନି, ହଠାତ୍ ପବନ ଜୋରରେ ବହିଲେ ଆମେ ପ୍ରଥମେ ଦୌଡ଼ିଯାଇ କପଡ଼ା ଉଠାଉ, କାଳେ ଉଡିଯିବକି..!! ପ୍ରକୃତି ଆମକୁ ମନେ ପକାଇଦିଏ, ବିଜ୍ଞାନର ଉନ୍ନତି ହୋଇଛି, କିନ୍ତୁ ପ୍ରକୃତି ଉପରେ ଆମର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନାହିଁ। ବାତ୍ୟାର ସଠିକ୍ ପଥ ଓ ତୀବ୍ରତାର ଆକଳନରେ ଆଧୁନିକ ବିଜ୍ଞାନ ବହୁତ ଆଗକୁ ବଢ଼ିଛି, ତଥାପି ପ୍ରକୃତିର ପ୍ରତ୍ୟେକ ଚାଲ୍‌କୁ ନିଖୁଣ ଭାବେ ଜାଣିବା ସମ୍ଭବ ହୋଇପାରିନି। ଆମେ ଜଳାଶୟ ପୋତି ଘର କରୁ, ନାଳକୁ ଆବର୍ଜନାରେ ଭରିଦେଉ, ଗଛ କାଟୁ, ତା'ପରେ ବର୍ଷା ହେଲେ ପଚାରୁ, 'ସହରରେ ପାଣି କାହିଁକି ଜମିଲା?' ଏହା ଠିକ୍ ସେହିପରି, ଯେମିତି ନିଜ ଘରର ନଳ ଖୋଲା ରଖି ଅନ୍ୟକୁ ପଚାରିବା, 'ଭାଇ, ଏତେ ପାଣି ଆସିଲା କେଉଁଠୁ?' ବାତ୍ୟାକୁ ଆମେ ରୋକିପାରିବା ନାହିଁ; କିନ୍ତୁ ଭଲ ନିର୍ମାଣ, ସଠିକ୍ ଜଳନିଷ୍କାସନ ବ୍ୟବସ୍ଥା, ଗଛ ସୁରକ୍ଷା, ପୂର୍ବ ପ୍ରସ୍ତୁତି ଓ ସମୟୋଚିତ ସତର୍କତା ଦ୍ୱାରା କ୍ଷୟକ୍ଷତିକୁ ତ' କମ କରିପାରିବା।

ଅର୍ଣ୍ଣବ ନାମଟି ଶୁଣି ଆମେ ହାସ୍ୟରସ କରିପାରିବା। ଚା' ଦୋକାନର ଗପ, ଘରର ମନ୍ତ୍ରିମଣ୍ଡଳ, ମୋବାଇଲ୍ ଚାର୍ଜିଂର ଜରୁରୀ ବୈଠକ, ଏସବୁ ଆମ ଜୀବନର ସ୍ୱାଭାବିକ ହାସ୍ୟର ଅଂଶ। କିନ୍ତୁ ଏହି ହସ ଭିତରେ ଗୋଟିଏ ଗମ୍ଭୀର କଥା ଲୁଚିରହିଛି, ବାତ୍ୟା କୌଣସି ମଜାମସ୍ତିର କଥାନୁହେଁ। ପିଲା, ବୃଦ୍ଧ, ରୋଗୀ ଓ ଅସୁରକ୍ଷିତ ଘରେ ରହୁଥିବା ଲୋକଙ୍କ ପ୍ରତି ଅଧିକ ଧ୍ୟାନ ଦେବା ଆମ ସମସ୍ତଙ୍କ ଦାୟିତ୍ୱ। ପିଇବା ପାଣି, ଆବଶ୍ୟକ ଔଷଧ, ଟର୍ଚ୍ଚ, ଚାର୍ଜ ହୋଇଥିବା ମୋବାଇଲ୍ ଓ ଜରୁରୀ ଦଲିଲପତ୍ର ସୁରକ୍ଷିତ ରଖିବା ଉଚିତ୍। ସମୁଦ୍ରକୁ ମାଛ ଧରିବାକୁ ନଯିବା, ପ୍ରଶାସନର ନିର୍ଦ୍ଦେଶ ମାନିବା ଏବଂ ଆବଶ୍ୟକ ହେଲେ ନିରାପଦ ଆଶ୍ରୟସ୍ଥଳକୁ ଯିବା ଦରକାର। ବିପଦ ସମୟରେ ବିଦ୍ୟୁତ୍ ତାର କିମ୍ବା ପାଣିରେ ପଡ଼ିଥିବା ତାରଠାରୁ ଦୂରେଇ ରହିବା ମଧ୍ୟ ଅତ୍ୟନ୍ତ ଜରୁରୀ।

ଆମ ସରକାର ଏତେ ପକ୍କାଘର ବାଣ୍ଟୁଛନ୍ତି, ପୁଣି ଏତେ ସଂଖ୍ୟକ କଚ୍ଚାଘର ଆସୁଛି କୁଆଡୁ। ଏତେ ଘର ଭାଙ୍ଗୁଛି କେମିତି..!! ବାତ୍ୟାରେ ଆମର ପ୍ରାର୍ଥନା, ପ୍ରକୃତି ଶାନ୍ତ ରହୁ, ଲୋକଙ୍କ ଜୀବନ ସୁରକ୍ଷିତ ରହୁ, ଚାଷୀଙ୍କ ପରିଶ୍ରମ ଓ ମତ୍ସ୍ୟଜୀବୀଙ୍କ ଜୀବିକା ସୁରକ୍ଷିତ ରହୁ। ସରକାରୀ ସଂସ୍ଥା, ଉଦ୍ଧାରକାରୀ ଦଳ ଓ ସାଧାରଣ ଲୋକ ମିଶି ଦାୟିତ୍ୱର ସହ କାମ କରନ୍ତୁ। ଆଉ ଯେଉଁମାନେ ଏବେ ବି ହ୍ୱାଟ୍‌ସଆପ୍‌ରେ ଲେଖୁଛନ୍ତି- 'ମୋ ପାଖରେ ବାତ୍ୟାର ଗୁପ୍ତ ଖବର ଅଛି', ସେମାନଙ୍କୁ ଗୋଟିଏ ନମ୍ର ଅନୁରୋଧ। ଭାଇ, ଗୁପ୍ତ ଖବରଟିକୁ ଗୁପ୍ତ ରଖିବା ପୂର୍ବରୁ ତା'ର ସତ୍ୟତାଟିକେ ଯାଞ୍ଚ କରନ୍ତୁ! କାରଣ ବାତ୍ୟାର ପବନ ଗଛ ଭାଙ୍ଗିପାରେ, କିନ୍ତୁ ଗୁଜବ ମଣିଷର ବୁଦ୍ଧି ଭାଙ୍ଗିଦିଏ। ଅର୍ଣ୍ଣବ ଆସୁଛି, ତେଣୁ ଭୟରେ ନୁହେଁ, ପ୍ରସ୍ତୁତିରେ ରହିବା, ସଜାଗ ରହିବା। ଗୁଜବରେ ନୁହେଁ, କେବଳ ସତ୍ୟଖବରରେ ବିଶ୍ୱାସ କରିବା। ମଜାମସ୍ତିରେ ମନକୁ ହାଲୁକା କରିବା ସିନା, ସୁରକ୍ଷାରେ କେବେ ବି ସାଲିସ୍ କରିବାନି। ଏହା ହିଁ ଅର୍ଣ୍ଣବ କିମ୍ବା ଅନ୍ୟ ବାତ୍ୟାକୁ ଦିଆଯାଇପାରୁଥିବା ଆମର ସବୁଠାରୁ ବୁଦ୍ଧିମାନ ଓଡ଼ିଆ ଉତ୍ତର..!! ନାଁ କଣ କହୁଛନ୍ତି..!!

ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ମୋ-୭୦୦୮୬୦୧୬୧

ଫ୍ୟାସନ୍

ଶୀତଦିନେ ଭେଲଭେଟ୍ ଶାଢ଼ି

ଭେଲଭେଟ୍ ଶାଢ଼ି ବର୍ତ୍ତମାନ ଫ୍ୟାସନ୍ ଦୁନିଆରେ ରହିଛି। ଏହି ଶାଢ଼ିଟି ରାଜକୀୟ ଏବଂ ଗ୍ଲାମରସ୍ ଲୁକ୍ ପାଇଁ ଟ୍ରେଣ୍ଡରେ। ଏହାର ବିଶେଷତଃ ହେଉଛି ଶୀତଦିନେ ଶରୀରକୁ ଆରାମଦାୟକ ସହିତ ଉଷ୍ମ ରଖିଥାଏ। ଶୀତ ଋତୁରେ ବିବାହ କିମ୍ବା ଫଙ୍କସନ୍‌ରେ ଏହି ଭାରୀ ଜାରଦୋଜି, ସିକ୍ୱିନ୍ ଏବଂ କଟ୍‌ୱାର୍କ ବର୍ଡ଼ର ଡିଜାଇନ୍‌ର ଶାଢ଼ି ଅଧିକ ଲୋକପ୍ରିୟ। ଏଥିରେ ବହୁ ଅଳଙ୍କାର ବିନା ମଧ୍ୟ ସୁନ୍ଦର ଦେଖାଯାଏ। ସେହିପରି ବିଭିନ୍ନ ରଙ୍ଗ ସହିତ ଷ୍ଟୋନ୍ ୱାର୍କ ଶାଢ଼ିକୁ ବହୁତ ପସନ୍ଦ କରିଥାନ୍ତି। ଏହି ଶାଢ଼ି ବିଷୟରେ କିଛି ଟିପ୍ସ ଦଳେ ଦିଆଯାଇଛି।



ଶୀତ ଋତୁରେ ଭେଲ୍‌ଭେଟ ଶାଢ଼ିର ପ୍ରାଧାନ୍ୟ ରହିଛି। ପ୍ରତ୍ୟେକ ଭାରତୀୟ ମହିଳାଙ୍କ ପରିଚୟ ଶାଢ଼ି ଅଟେ। ସମସ୍ତେ ଶାଢ଼ି ପିନ୍ଧିବାକୁ ମଧ୍ୟ ପସନ୍ଦ କରନ୍ତି। ଅଧିକାଂଶ ମହିଳା ଋତୁ ଅନୁସାରେ ବିଭିନ୍ନ କପଡ଼ା ଏବଂ ଡିଜାଇନ୍ ସହିତ ଶାଢ଼ି କିଣନ୍ତି। ତଥାପି ଶୀତ ଋତୁରେ ଭେଲଭେଟ୍ କପଡ଼ାର ଶାଢ଼ି ଅତ୍ୟନ୍ତ ସ୍ୱତନ୍ତ୍ର। ଶୀତ ଋତୁରେ ଭେଲଭେଟ୍ ଶାଢ଼ିର ଚାହିଦା ଅଧିକ। ଏହି ଋତୁରେ ଭେଲ୍‌ଭେଟ୍ ଫେବ୍ରିକ୍ ଶାଢ଼ି କିଣି ଏହାକୁ ଏକ ଟ୍ରେଣ୍ଡି ଶୈଳୀରେ ଷ୍ଟାଇଲ୍ କରିପାରିବେ। ଏହି ଶାଢ଼ିରେ ଖୁବ୍‌ସୁନ୍ଦର ବର୍ଡର ୱାର୍କ ହୋଇଥାଏ, ଯାହା ଆପଣଙ୍କ ଲୁକ୍‌କୁ ଭିନ୍ନ ଏବଂ ଆକର୍ଷଣ କରିଥାଏ।

ଫ୍ଲୋରାଲ୍ ୱାର୍କ ଭେଲ୍‌ଭେଟ ଶାଢ଼ି

ଆପଣଙ୍କ ଲୁକ୍‌କୁ ଆକର୍ଷଣୀୟ କରିବା ପାଇଁ ଏହି ଫ୍ଲୋରାଲ୍ ବର୍ଡର ୱାର୍କ ସହିତ ଭେଲ୍‌ଭେଟ୍ ଶାଢ଼ିକୁ ଷ୍ଟାଇଲ୍ କରିପାରିବେ। ଭେଲ୍‌ଭେଟ୍ କପଡ଼ାରେ ହୋଇଥିବା ଫ୍ଲୋରାଲ୍ ବର୍ଡର ୱାର୍କ ଶାଢ଼ିଟି ଭାରୀ ଏବଂ ଚମତ୍କାର ଲୁକ୍ ଦେଇଥାଏ। ସମାନ ବର୍ଡର କାମ ସହିତ ବ୍ଲାଉଜ୍ ପୂରା ଆଉଟ୍‌ଫିଟ୍‌କୁ ଆହୁରି ସୁନ୍ଦର କରିଥାଏ। ଏହି ଶାଢ଼ିଟି ଆପଣଙ୍କ ଚେହେରାକୁ ଅଧିକ ଉଜ୍ଜ୍ୱଳ କରିପାରେ। ସେହିପରି ଏହି ଶାଢ଼ିକୁ ଯେକୌଣସି ପାର୍ଟି କିମ୍ବା ଫଙ୍କସନରେ ପିନ୍ଧିଲେ ଏଲିଗେଣ୍ଟ ଦେଖାଯିବେ। ଯାହା ଏକ ଚମତ୍କାର ଲୁକ୍ ମଧ୍ୟ ଦେଇପାରେ। ଏହାକୁ ମ୍ୟାଚିଂ କରି ଜୁଏଲାରୀ, ଜୋତା, ମେକ୍‌ଅପ୍ ନେଇପାରିବେ।

କଟ୍‌ୱାର୍କ ବର୍ଡର ଭେଲ୍‌ଭେଟ୍ ଶାଢ଼ି

ଅଧିକାଂଶ ମହିଳା ଏହି କଟ୍‌ୱାର୍କ ବର୍ଡର ଶାଢ଼ିକୁ ଷ୍ଟାଇଲ୍‌ରେ ସାମିଲ୍ କରନ୍ତି। ଏଥିରେ ଆପଣ ବହୁତ ସୁନ୍ଦର ଦେଖାଯିବେ। ଏହି ଶାଢ଼ିଟି ଅଧିକ ଭାରୀ ନୁହେଁ। ଆପଣ ସହଜରେ ଏହି ଭେଲଭେଟ୍ ଶାଢ଼ିଟିକୁ ପିନ୍ଧିପାରିବେ। ଏହି ଶାଢ଼ି ସହିତ ଭାରୀ କାମର ବ୍ଲାଉଜ୍ ଡିଜାଇନ୍ ମଧ୍ୟ ପାଇବେ। ଏହି ପ୍ରକାରର ଶାଢ଼ିକୁ ଯେକୌଣସି ପାର୍ଟି ଏବଂ ଫଙ୍କସନରେ ପିନ୍ଧିଲେ ଏହା ଆପଣଙ୍କୁ ଏକ ଆକର୍ଷଣୀୟ ଲୁକ୍ ଦେଇଥାଏ।

ଜରୀୱାର୍କ ବର୍ଡର ଭେଲଭେଟ୍ ଶାଢ଼ି

ଯେକୌଣସି କାର୍ଯ୍ୟ କିମ୍ବା ପାର୍ଟିରେ ସମସ୍ତଠାରୁ ନିଆରା ବା ସୁନ୍ଦର ଦେଖାଯିବା ପାଇଁ ଚାହୁଁଛନ୍ତି ତେବେ ଏହି ଜାରୀୱାର୍କ ବର୍ଡ଼ର ଭେଲ୍‌ଭେଟ ଶାଢ଼ିକୁ ଷ୍ଟାଇଲ୍ କରନ୍ତୁ। ଭେଲଭେଟ୍ ଶାଢ଼ି ପିନ୍ଧିବା ପରେ ଆପଣଙ୍କ ସୌନ୍ଦର୍ଯ୍ୟ ଅଧିକ ସୁନ୍ଦର ଦେଖାଯାଏ। ଏହି ଶାଢ଼ିର ଲୁକ୍ ମଧ୍ୟ ବହୁତ ଭଲ।

ରୋଷେଇ ଘରୁ

ମଶରୁମ୍ ମସଲା ଓଟସ୍

ଆବଶ୍ୟକ ସାମଗ୍ରୀ:

ଛତୁ, ସାଧା ଓଟସ୍, ପିଆଜ, ଟମାଟୋ, କଞ୍ଚାଲଙ୍କା, କାଶ୍ମିରୀ ଚିଲ୍ଲି, ଜିରା ପାଉଡ଼ର, ମିଟ୍ ମସଲା, ଲୁଣ, ହଳଦୀ, ଜିରା, ମ୍ୟାଗି ମସଲା, ଧନିଆପତ୍ର।

ପ୍ରଣାଳୀ:

ପ୍ରଥମେ ତେଲରେ ଜିରା, କାଟି ରଖିଥିବା କଞ୍ଚାଲଙ୍କା ଓ ପିଆଜକୁ ପକାନ୍ତୁ। ପିଆଜ ଅଳ୍ପ ଭାଜିହେବା ପରେ ଏଥିରେ କାଟି ରଖିଥିବା ଛତୁ ଓ ଟମାଟୋ ପକାଇ ନେବେ। ସେଥିରେ ଲୁଣ ଦେଇ ସମସ୍ତ ସାମଗ୍ରୀକୁ ଭଲକରି ଭାଜନ୍ତୁ। ଛତୁ ସିଝିବା ପରେ ଏଥିରେ କାଶ୍ମିରୀ ଚିଲ୍ଲି, ହଳଦୀ, ଜିରା ପାଉଡ଼ର, ମିଟ୍ ମସଲା ପକାନ୍ତୁ। ଏହାପରେ ଆବଶ୍ୟକ ଅନୁଯାୟୀ ଓଟସ୍ ପକାଇ ଗୋଳାଇବେ। ଏଥିରେ ପାଣି ଦେବେ ୪ରୁ୫ ମିନିଟ୍ ପାଇଁ ଫୁଟାଇବେ, ପାଣି ଟିକେ ଅଧିକ ଦେବେ। ଏହାପରେ ଏଥିରେ ମ୍ୟାଗି ମସଲା ପକାଇ ଗୋଳାଇ ନିଅନ୍ତୁ। ଓଟସ୍ ଅଳ୍ପ ସମୟ ଫୁଟିବା ପରେ ଗ୍ୟାସ୍ ବନ୍ଦ କରି ଦେବେ। ଶେଷରେ କାଟି ରଖିଥିବା ଧନିଆପତ୍ର ପକାଇ ନିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମଶରୁମ୍ ମସଲା ଓଟସ୍।



ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିତ୍
ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

ମେଷ

ବାତାବରଣ ଆନନ୍ଦଦାୟକ ରହିବ। ଖୁସି ଖବର ପାଇବେ। ଘରକୁ ନୂଆ ଅତିଥିଙ୍କ ଆଗମନ ହେବ। ସିଙ୍ଗଲ ଲୋକମାନେ ସାବଧାନ ହୋଇଚାଲିବେ। କାର୍ଯ୍ୟକ୍ଷେତ୍ରରେ କାହା ସହିତ ଯୁକ୍ତିତର୍କ ହେବ।

ବୃଷ

ଧନ-ଧାନ୍ୟ ବୃଦ୍ଧି ହେବ। କିଛି ନୂଆ ଯୋଜନାକୁ ସାମିଲ କରିବେ। ପିତାଙ୍କ ପରାମର୍ଶ ଲାଭ ଦେବ। ମାତା-ପିତାଙ୍କ ସେବା ପାଇଁ ସମୟ ବାହାର କରିବେ। ନୂଆ କୋର୍ସ ପାଇଁ ରୁଚି ବଢ଼ିବ।

ମିଥୁନ

ବାଣୀରେ ସଂଯମ ରଖିବେ। ମଉଜ-ମସ୍ତି କରିବେ। ସନ୍ତାନ ପକ୍ଷରୁ ଖୁସି ଖବର ପାଇବେ। ବୈବାହିକ ଜୀବନରେ ସମସ୍ୟାର କାରଣରୁ ଚିନ୍ତାରେ ରହିବେ। ରାଜନୀତିରେ ଆଗକୁ ବଢ଼ିବେ।

କର୍କଟ

କିଛି ସମସ୍ୟାରେ ଭରି ରହିବେ। ଜୀବନସାଥୀଙ୍କ ସହିତ ଚାଲିବେ। ବସ୍ ଆପଣଙ୍କୁ ସପୋର୍ଟ କରିବେ। ଖେଳକୁଦରେ ରୁଚି ବଢ଼ିବ। ଅଟକିଥିବା କାମ ପୂରା କରିବେ। ପୁରୁଣାଭୁଲ୍‌କୁ ସୁଧାରିବେ।

ସିଂହ

ଦିନଟି ସାମାନ୍ୟ ରହିବ। କାର୍ଯ୍ୟକ୍ଷେତ୍ରରେ ପ୍ରମୋଶନ ହେବ। ସାମାଜିକ ଆୟୋଜନରେ ସମ୍ମିଳିତ ହେବେ। ମିତ୍ରଙ୍କ ସଂଖ୍ୟା ବୃଦ୍ଧି ହେବ। ଅଟକିଥିବା କାମ ପୂରା କରିବେ। ଅର୍ଥ ନେଣଦେଣରେ ସାବଧାନ ରହିବେ।

କନ୍ୟା

କୌଣସି ବାଦ-ବିବାଦ ଠାରୁ ଦୂରରେ ରହିବେ। କାମକୁ ନେଇ କରିଥିବା ନିଷ୍ପତ୍ତି ଚିନ୍ତା କରି ନେବେ। ଭାବନାଗୁଡ଼ିକୁ ସଜ୍ଞାନ କରିବେ। ସରପ୍ରାଇଜ ପାର୍ଟି କରିବେ। ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ।

ତୁଳା

ଦିନଟି ସାମାନ୍ୟ ରହିବ। ବ୍ୟବସାୟରେ ଦୁର୍ବଳ ରହିବେ। ମିତ୍ରଙ୍କର ସହିତ ମଉଜ-ମସ୍ତି କରିବେ। ଅଟକିଥିବା କାମ ପୂରା କରିବେ। ପାରିବାରିକ ସମସ୍ୟାର ସମାଧାନ ହେବ।

ବିଛା

ଦିନଟିରେ କିଛି ନୂଆ କରିବେ। ମନରେ କିଛି ଚିନ୍ତା ଆସିବ। କାମକୁ ନେଇ ଶୀଘ୍ରତା ରହିବ। ଧୈର୍ଯ୍ୟର ସହିତ ସମାଧାନ କରିବେ। ପ୍ରତିସ୍ପର୍ଦ୍ଧା ଭାବ ରହିବ। ସମ୍ପତ୍ତି ମିଳିବାର ଯୋଗ ରହିଛି।

ଧନୁ

କ୍ରୋଧ ନକଲେ ଭଲ। କୌଣସି କଥା ବରିଷ୍ଠ ସଦସ୍ୟଙ୍କୁ ଖରାପ ଲାଗିପାରେ। ନୂଆ ଜବ୍ ପାଇବେ। ଅର୍ଥ ସମ୍ବନ୍ଧିତ ମାମଲାରେ ଚିନ୍ତିତ ରହିବେ। ସନ୍ତାନ ନୂଆ ବାହନ ପାଇଁ କହିପାରେ।

ମକର

କାନୁନୀ ମାମଲାରେ ଦିନଟି ଉତ୍ତମ। ବ୍ୟବସାୟ କାମରେ ପରିବର୍ତ୍ତନ କରିପାରନ୍ତି। ଚାକିରି କ୍ଷେତ୍ରରେ ତଥ୍ୟ ଲିକ୍ ହୋଇପାରେ। କ୍ୟାରିୟର୍ ସମସ୍ୟାର ସମାଧାନ କରିବେ।

କୁମ୍ଭ

ସ୍ୱାସ୍ଥ୍ୟ ଦୃଷ୍ଟିରୁ ଦିନଟି ଦୁର୍ବଳ। ସ୍ୱାସ୍ଥ୍ୟ ଉପରେ ବିପରୀତ ପ୍ରଭାବ ପଡ଼ିବ। ମାଙ୍ଗଳିକ କାମର ଆୟୋଜନ କରିବେ। ନୂଆ କାମ ଆପଣଙ୍କ ସ୍ୱପ୍ନକୁ ପୂରା କରିବ। ଖାଦ୍ୟପେୟରେ ଅବହେଳା କରିପାରନ୍ତି।

ମୀନ

ଦିନଟି ସକାରାତ୍ମକ ପରିଣାମ ନେଇ ଆସିବ। କୌଣସି ସଦସ୍ୟଙ୍କ କଥା ଶୁଣି ମନ ଚିନ୍ତିତ ରହିବ। ଦାନ-ଧର୍ମର କାର୍ଯ୍ୟରେ ଅଂଶଗ୍ରହଣ କରିବେ। ବିଦ୍ୟାର୍ଥୀଙ୍କ ପାଇଁ ସମୟ ଅନୁକୂଳ ରହିବ।

ସଂସ୍କୃତି ଓ ପର୍ଯ୍ୟଟନ

ଆଦ୍ୟାଶକ୍ତି ମା' ବିମଳା ଶ୍ରୀକ୍ଷେତ୍ରରାଜେଶ୍ୱରୀ

ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ

ବିଶ୍ୱ ବନ୍ଦନୀୟ ହେଉଛି ଆମ ଜଗନ୍ନାଥ ସଂସ୍କୃତି । ଏହି ସଂସ୍କୃତିରେ ବିଭିନ୍ନ ମତବାଦ ଓ ସର୍ବଧର୍ମ ସମନ୍ୱୟର ଅପୂର୍ବ ମିଳନ ଦେଖିବାକୁ ମିଳେ ଏବଂ ତତ୍‌ସହିତ ଏଠି ବୈଦିକ ରୀତିନୀତି, ଉପାସନା ଓ ତନ୍ତ୍ରର ବିଧି ବିଧାନ ଆଦି ପ୍ରଚଳିତ ରହିଛି । ଯଦି ଏହି ସଂସ୍କୃତିର ଅତୀତକୁ ଦେଖାଯାଏ, ତେବେ ଆମେ ଜାଣିପାରିବା ଯେ, ଶାବର ତନ୍ତ୍ର ଏ ସଂସ୍କୃତିର ଏକ ଅଂଶ ବିଶେଷ ହୋଇ ରହିଥିଲା । ଯାହାକୁ ପ୍ରମାଣିତ କରିଛନ୍ତି ଅନେକ ସାଂସ୍କୃତିକ ଗବେଷକ । ଏହି ଗବେଷକମାନଙ୍କ ମତ ଅନୁଯାୟୀ ବହୁ ବର୍ଷ ଧରି ନୀଳାଚଳ କ୍ଷେତ୍ରଟି ତାନ୍ତ୍ରିକମାନଙ୍କ ସାଧନାର ପୀଠସ୍ଥଳୀ ହୋଇ ରହିଥିଲା । ସେଭଳି ତାନ୍ତ୍ରିକ ଗ୍ରନ୍ଥ 'ତନ୍ତ୍ର ଚୂଡ଼ାମଣି' ଅନୁସାରେ ଶ୍ରୀକ୍ଷେତ୍ର ହେଉଛି ଏକ ପ୍ରଧାନ ଶକ୍ତିପୀଠ । ଯେଉଁଠି ମା' ବିମଳା ହେଉଛନ୍ତି 'ଭୈରବୀ' ଏବଂ ଶ୍ରୀଜଗନ୍ନାଥ ହେଉଛନ୍ତି 'ଭୈରବ' । ଶୈବ ଓ ଶାକ୍ତ ତନ୍ତ୍ର ପରମ୍ପରାର ମତାନୁସାରେ ଭୈରବ ହେଉଛନ୍ତି ଏକ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ଜାଗ୍ରତ ଦେବତା । ସେ ଭଗବାନ ଶିବଙ୍କର ଏକ ପ୍ରଳୟଙ୍କାରୀ ତଥା ଭୟଙ୍କର ସ୍ୱରୂପ । ଭୈରବ ତାନ୍ତ୍ରିକ ସାଧନାରେ ସେ ସର୍ବୋଚ୍ଚ ସିଦ୍ଧିଦାତା ଏବଂ ସମସ୍ତ ଶକ୍ତି ପୀଠର ରକ୍ଷକ ଭାବେ ସେ ପୂଜିତ । ଶାସ୍ତ୍ରାନୁଯାୟୀ ବ୍ରହ୍ମାଙ୍କର ଅହଂକାର ଚୂର୍ଣ୍ଣ କରିବା ପାଇଁ ଭଗବାନ ଶିବଙ୍କ କ୍ରୋଧରୁ ଏହି ଭୈରବଙ୍କ ଆବିର୍ଭାବ ହୋଇଥିଲା । ସେ ପ୍ରମୁଖ ଶକ୍ତିପୀଠ ଗୁଡିକରେ ଭୈରବୀଙ୍କ ସହିତ ରକ୍ଷାକର୍ତ୍ତା ଭାବେ ଅବସ୍ଥାନ କରିଥାନ୍ତି । ଏଣୁ କୁହାଯାଇଛି :

ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ ।
ଲୋକନାଥ ଶିବୋମତ୍ର ତୀର୍ଥରାଜ ମହୋଦଧିଃ।

ଅର୍ଥାତ ପାବନ ଶ୍ରୀକ୍ଷେତ୍ରରେ ମାତା ବିମଳା ହେଉଛନ୍ତି ସାକ୍ଷାତ 'ଭୈରବୀ' ବା ଶକ୍ତି ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଏଠି ସ୍ୱୟଂ 'ଭୈରବ' ବା ଶିବ । ଏହି କ୍ଷେତ୍ରର ରକ୍ଷକ ଭାବେ ପ୍ରଭୁ ଶ୍ରୀଲୋକନାଥ ବିରାଜମାନ କରିଛନ୍ତି । ତତ୍ ସହିତ ଏଠାରେ ଥିବା ବିଶାଳ ସମୁଦ୍ର (ମହୋଦଧି) ତୀର୍ଥରାଜ ଅଟନ୍ତି ।

ତନ୍ତ୍ର ଚୂଡ଼ାମଣି ହେଉଛି ଭାରତୀୟ ଶକ୍ତି ସାଧନା, ଶାକ୍ତ ପରମ୍ପରା ଓ ତାନ୍ତ୍ରିକ ଭୂଗୋଳ ଉପରେ ଆଧାରିତ । ଏହା ଏକ ଅତ୍ୟନ୍ତ ପ୍ରାଚୀନ ଏବଂ ପ୍ରମାଣିକ ସଂସ୍କୃତ ତନ୍ତ୍ର ଗ୍ରନ୍ଥ । ଏହି ଗ୍ରନ୍ଥର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି 'ପୀଠନିର୍ଣ୍ଣୟ' ବା 'ମହାପୀଠନିର୍ଣ୍ଣୟ', ଯେଉଁଥିରେ ସତୀଙ୍କ ଅଙ୍ଗପାତ ଅନୁସାରେ ଭାରତବର୍ଷର ପ୍ରମୁଖ ଏକାବନଟି ଶକ୍ତିପୀଠର ସମ୍ୟକ୍ ବିବରଣୀ ଦିଆଯାଇଛି । ସେଥି ମଧ୍ୟରୁ ପୁରୁଷୋତ୍ତମ କ୍ଷେତ୍ର ଅନ୍ୟତମ । ଯେଉଁଠି ସତୀଙ୍କ ବାମ ପାଦର ବୃଦ୍ଧ ଆଙ୍ଗୁଳିଟି ପତିତ ହୋଇଥିଲା । ତେଣୁ ଏହି ପୀଠର ଅଧିଶ୍ୱରୀ ଦେବୀ ବିମଳାଙ୍କୁ ପାଦ ପୀଠାଧୀଶ୍ୱରୀ କୁହାଯାଏ । ଉକ୍ତ ପୀଠକୁ ସ୍ପଷ୍ଟ କରିବାକୁ ଯାଇ ବାମଦେବ ସଂହିତାରେ ଦେବ ଦେବ ମହାଦେବ ମା' ଭଗବତୀ ଆଦିଶକ୍ତି ପାର୍ବତୀଙ୍କୁ କହିଛନ୍ତି ଯେ :

ଶଙ୍ଖସ୍ୟା ବରଣେ ଦେବି ପତିତଃ ପ୍ରଥମେ ସ୍ଥିତା ।
ରୋହିଣୀକୁଣ୍ଡ ପାର୍ଶ୍ୱେପି ବିମଳା ନାମ ନାମତଃ ।।

ଏହାର ଅର୍ଥ ହେ ମହାଦେବୀ ! ଭଗବତୀ ସତୀଙ୍କ ଶରୀରର ଅଂଶ ପ୍ରଥମେ ଶଙ୍ଖ କ୍ଷେତ୍ର (ଶ୍ରୀକ୍ଷେତ୍ର)ର ଆବରଣ ଭିତରେ ଏବଂ ରୋହିଣୀକୁଣ୍ଡର ପାର୍ଶ୍ୱ (ଶ୍ରୀମନ୍ଦିରର ନୈରୁତ କୋଣ)ରେ ପଡିବା ପରେ, ତୁମେ ମହାଦେବୀ ବିମଳା ନାମରେ ବିଖ୍ୟାତ ହେଲ । ସେହିପରି ତନ୍ତ୍ରଚୂଡ଼ାମଣି ଗ୍ରନ୍ଥରେ ଦେଖିବାକୁ ମିଳେ :

'ପୁରୁଷୋତ୍ତମେ ପାଦପତନାତ୍ ବିମଳା ଦେବୀ ପ୍ରକୀର୍ତିତା ।
ଭୈରବଃ ଶ୍ରୀଜଗନ୍ନାଥଃ ସର୍ବସିଦ୍ଧିପ୍ରଦାୟକଃ'।

ଯାହାର ଅର୍ଥ ପୁରୁଷୋତ୍ତମ କ୍ଷେତ୍ରରେ ଦେବୀ ସତୀଙ୍କ ପାଦ ପତିତ ହୋଇଥିବାରୁ, ସେ ଏଠାରେ ଦେବୀ 'ବିମଳା' ନାମରେ ପ୍ରଖ୍ୟାତା ଏବଂ ଭୈରବ ରୂପରେ ଶ୍ରୀଜଗନ୍ନାଥ ସର୍ବସିଦ୍ଧି ପ୍ରଦାୟକ ଅଟନ୍ତି ।



ପୁରୁଷୋତ୍ତମ ପୀଠର ପୀଠାଧୀଶ୍ୱରୀ ଅଟନ୍ତି ସ୍ୱୟଂ ମା ବିମଳା । ଯିଏ ଜୀବର ସମସ୍ତ ମଳ ବା କଳ୍ମଷକୁ ନାଶ କରନ୍ତି; ଏଣୁ ସେ ବିମଳା ନାମରେ ନାମିତ ହୋଇ ଏ କ୍ଷେତ୍ରରେ ପୂଜିତା ହେଉଛନ୍ତି । ଏ ଉପରେ ଏକ ତାତ୍ତ୍ୱିକ କଥା ଦେଖିବାକୁ ମିଳେ । ଦିନେ ଦେବର୍ଷି ନାରଦ ଗୋଲକ ନାଥଙ୍କ ମୁଖାରବିନ୍ଦ କୈବଲ୍ୟ ପ୍ରସାଦ ପାଇ ମହାଆନନ୍ଦରେ ନାଚି ନାଚି କୈଳାସ ପୁରକୁ ଆସିଥିଲେ । ନାରଦଙ୍କୁ ଦେଖି ମହାଦେବ ସତ୍କାର କରିବା ସହ ଆନନ୍ଦର କାରଣ ଜାଣିବା ପାଇଁ ଚାହିଁଥିଲେ । ଏଥିରେ ଖୁସି ହୋଇ ନାରଦ ମୁଖାରବିନ୍ଦ କୈବଲ୍ୟ ପ୍ରାପ୍ତିର ବୃତ୍ତାନ୍ତ ଜଣାଇଥିଲେ ଶିବଙ୍କୁ । ଏହା ଶୁଣି ଶିବ କହିଲେ ହେ ଦେବର୍ଷି ! ମୋ' ପାଇଁ କିଛି ଆଣିଛ କି ? ହରଙ୍କର ବାଣୀ ଶୁଣି ନାରଦ ଉତ୍ତର ଦେଲେ ହେ ଭକ୍ତ ଶ୍ରେଷ୍ଠ ! ପ୍ରଭୁ ପାଖରୁ ଯାହା ପ୍ରାପ୍ତି ହୋଇଥିଲା ତାହା ସବୁ ଭକ୍ଷଣ କରି ଦେଇଛି । କିନ୍ତୁ କଣିକାଟିଏ ମୋର ଦକ୍ଷିଣ ହସ୍ତର ନଖ କୋଣରେ ରହିଯାଇଛି । ଏହା ଦେଖି ସଦାଶିବ ଶ୍ରୀପ୍ରସାଦକୁ ସେବନ କରିଥିଲେ ଏବଂ ଉଭୟେ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଥିଲେ । ଏ ସମସ୍ତ ବିଷୟକୁ ଜାଣିବା ପରେ ମା' ଭବାନୀ ଶଙ୍କରଙ୍କୁ ବିଷ୍ଣୁଙ୍କ ମୁଖାରବିନ୍ଦ କୈବଲ୍ୟ ପାଇବା ନିମନ୍ତେ ପ୍ରାର୍ଥନା କଲେ । ତେଣୁ ଆଶୁତୋଷ ବିଷ୍ଣୁଙ୍କ ପାଖକୁ ଯାଇ ସମସ୍ତ କଥା କହିବାକୁ ଲାଗିଲେ । ଏଥିରେ ସନ୍ତୋଷ ହୋଇ ନାରାୟଣ କହିବାକୁ ଗଲେ ହେ ଦେବୀ ! ତୁମର କାମନା ନିଶ୍ଚିତ ଭାବରେ ପୂର୍ତ୍ତ ହେବ । କିନ୍ତୁ ଏବେ ନୁହଁ, କଳିଯୁଗରେ ତୁମେ ଶ୍ରୀମନ୍ଦିରେ ବିମଳା ରୂପେ ପୂଜିତା ହୋଇ ମୋର (ଜଗନ୍ନାଥ) ନିତ୍ୟ ମହାପ୍ରସାଦ ପ୍ରାପ୍ତ କରିବ । ଏହି ବିଷୟକୁ ସୂଚାଇବାକୁ ଯାଇ ବାମଦେବ ସଂହିତାରେ ଉଲ୍ଲେଖ ରହିଛି :



ଶ୍ରୀପ୍ରସାଦଂ ପ୍ରତିଦିନଂ ଭକ୍ଷୀତ୍ୱା ତତ୍ତ୍ୱ କେବଳମ୍ ।
ସତ୍ୟଂଶେନ ତ୍ୱୟା ଜାତଂ ପାର୍ବତୀ ନାମ-ନାମତଃ ।।

ଅର୍ଥାତ୍ ହେ ଦେବୀ ! ସତୀଙ୍କ ପବିତ୍ର ଅଂଶରୁ ଜନ୍ମ ଗ୍ରହଣ କରିଥିବାରୁ, ତୁମେ ଜଗତରେ 'ପାର୍ବତୀ' ନାମରେ ପ୍ରସିଦ୍ଧି ଲାଭ କରିଛ । ଏହି ପବିତ୍ର ପୀଠରେ ପୂର୍ବ ସଂକଳ୍ପ ଯୋଗୁଁ ତୁମେ ପ୍ରତିଦିନ କେବଳ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଭକ୍ଷଣ ବା ସେବନ କରୁଛ । ତେଣୁ ଏଠାରେ ମହାଦେବୀ ବିମଳା ସଦାସର୍ବଦା ନିର୍ମାଲ୍ୟ ପାଇବା ପାଇଁ ଧ୍ୟାନରତ ଥାନ୍ତି ।

ଏହି ଧ୍ୟାନରତା ଦେବୀ ବିମଳାଙ୍କ ନିକଟରେ ପ୍ରତ୍ୟୟଃ ସକାଳ, ମଧ୍ୟାହ୍ନ ଏବଂ ସାୟଂ କାଳରେ ପୂଜା ଅର୍ଚ୍ଚନା ହୋଇଥାଏ । ବର୍ଷର ସମସ୍ତ ସମୟରେ ଦେବୀଙ୍କୁ ପରମବୈଷ୍ଣବୀ ଭାବେ ପୂଜା କରାଯାଉଥିବା ବେଳେ ଶରତକାଳିନ ଦୁର୍ଗାପୂଜା କାଳରେ ମା'ଙ୍କୁ କୌଳାଚାର ତନ୍ତ୍ର ଅନୁଯାୟୀ କାଳଭୈରବୀ ରୂପେ ପୂଜା କରାଯାଏ । ଦେବୀଙ୍କ ସମସ୍ତ ଉତ୍ସବ ମଧ୍ୟରେ ଶାରଦୀୟ ଷୋଡଶ ଦିନାତ୍ମକ ରହସ୍ୟ ଦୁର୍ଗା ପୂଜା ଏବଂ ଶାକ୍ତ ଗୁଣ୍ଡିଚା ପ୍ରସିଦ୍ଧ ଅଟେ । ଏହା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଆରମ୍ଭ ହୋଇ ଶୁକ୍ଳପକ୍ଷ ଦଶମୀ ତିଥି ପର୍ଯ୍ୟନ୍ତ ପାଳିତ ହୋଇଥାଏ । ଏହି ତିଥିରେ ସପ୍ତମୀ, ଅଷ୍ଟମୀ ଓ ନବମୀର ଅର୍ଦ୍ଧରାତ୍ରୀ ସମୟରେ ମହାନିଶୀ ପୂଜା ଅନୁଷ୍ଠିତ ହୁଏ । ଯେଉଁଥିରେ ଦେବୀଙ୍କ ପାର୍ଶ୍ୱରେ ଥିବା ନାଗକନ୍ୟା ଓ ଦେବକନ୍ୟା ତଥା ଚଉଷଠି ଯୋଗିନୀଙ୍କୁ ଛାଗବଳି ଦିଆଯାଏ । ଏ ନୀତିକୁ ଅର୍ଦ୍ଧରାତ୍ରରେ ପହୁଡ଼ ପଡ଼ିବା ପରେ କିଛି ନିର୍ବାଚିତ କୌଳିକ ବ୍ରାହ୍ମଣମାନେ ସମ୍ପାଦନା କରିଥାନ୍ତି । ଉକ୍ତ ଷୋଳପୂଜାର ପ୍ରଥମ ଓ ଶେଷ ଚାରିଦିନ ବ୍ୟତୀତ ପ୍ରତ୍ୟେକ ଦିନ ବିମଳାଙ୍କୁ ଭିନ୍ନ ଭିନ୍ନ ବେଶ କରାଯାଏ । ଏହି ଷୋହଳଦିନ ପର୍ଯ୍ୟନ୍ତ ମହିଳାମାନେ ବିମଳାଦେବୀଙ୍କ ମନ୍ଦିରରେ ପ୍ରବେଶ କରନ୍ତି ନାହିଁ ।

ଭାରତର ମୁଖ୍ୟ ଚାରିଗୋଟି ଶକ୍ତି ପୀଠ ବିଷୟରେ ବ୍ରହ୍ମଯାମଳ ତନ୍ତ୍ର ଅନ୍ତର୍ଗତ ଆଦ୍ୟା ସ୍ତୋତ୍ର ଅନୁସାରେ କୁହାଯାଇଛି-

'ରାମେଶ୍ୱରୀ ସେତୁବନ୍ଧେ ବିମଳା ପୁରୁଷୋତ୍ତମେ
ବିରଜା ଓଡ୍ର ଦେଶେ ଚ କାମାକ୍ଷା ନୀଳ ପର୍ବତେ ।'

ଅର୍ଥାତ୍ ସେତୁବନ୍ଧ ବା ରାମେଶ୍ୱରରେ ଦେବୀ ରାମେଶ୍ୱରୀ ରୂପେ, ପୁରୁଷୋତ୍ତମ କ୍ଷେତ୍ରରେ ବିମଳା ରୂପେ, ଓଡ୍ର ଦେଶରର ଯାଜପୁରରେ ବିରଜା ରୂପେ ଏବଂ ନୀଳପର୍ବତରେ କାମାକ୍ଷା ରୂପରେ ମା ସୁବିଦିତା । ଏହି ପୁରୁଷୋତ୍ତମ କ୍ଷେତ୍ରରେ ବିରାଜିତା ମା'ଙ୍କ ସ୍ୱରୂପ। ଅତ୍ୟନ୍ତ ମନହାରିଣୀ ବୋଲି ବିମଳା ଅଷ୍ଟକମ୍‌ରେ କୁହାଯାଇଛି ।

ମା' ବିମଳା ଦେବୀ ଚତୁର୍ଭୁଜା, ତ୍ରିନେତ୍ରା ଏବଂ ଅଷ୍ଟଦଳ ପଦ୍ମ ଉପରେ ଦଣ୍ଡାୟମାନ । ସେ ଊର୍ଦ୍ଧ୍ୱ ଦୁଇଟି ହସ୍ତରେ ନାଗକନ୍ୟା ଓ ଜପାମାଳି ଏବଂ ଦେବକନ୍ୟାଙ୍କୁ ଧାରଣ କରିବା ସହିତ ନିମ୍ନ ଦୁଇଟି ହସ୍ତରେ ଅଭୟ ମୁଦ୍ରା ଓ ସୁଧାଭାଣ୍ଡକୁ ଧାରଣ କରିଛନ୍ତି । ଦେବୀଙ୍କର ଦୁଇ ପାର୍ଶ୍ୱରେ ଦୁଇଜଣ ଚଣ୍ଡୀ ଛାୟା ଦେବୀ ଓ ମାୟା ଦେବୀ ବିରାଜିତା । ଏତଦ୍ ବ୍ୟତୀତ ମନ୍ଦିରରେ ସପ୍ତମାତୃକା, ଦଶମହାବିଦ୍ୟା ଓ ଯୋଗିନୀ ଆଦି ମଧ୍ୟ ପୂଜା ପାଉଛନ୍ତି ।

ଜଗନ୍ନାଥ ସଂସ୍କୃତି ଯେପରି ବୈଚିତ୍ର୍ୟ, ସେପରି ଦେବୀ ବିମଳାଙ୍କ ନୀତି ମଧ୍ୟ ଅତ୍ୟନ୍ତ ସ୍ୱତନ୍ତ୍ର । ସାଧାରଣତଃ ଠାକୁରଙ୍କ ପାଖରେ ଭୋଗ ହେବାପରେ, ସେହି ଭୋଗକୁ ଅନ୍ୟ କୌଣସି ମନ୍ଦିରରେ ଭୋଗ ହୋଇ ନଥାଏ । କିନ୍ତୁ ଶ୍ରୀମନ୍ଦିରରେ ପ୍ରତ୍ୟେକ ଦିନ ଶ୍ରୀଜଗନ୍ନାଥଙ୍କୁ ପ୍ରସାଦ ଅର୍ପିତ ହେଲାପରେ ପୁନର୍ବାର ମା' ବିମଳାଙ୍କୁ ଅର୍ପଣ କରାଯାଇଥାଏ । ଏଥି ନିମିତ୍ତ ଏକ ସ୍ୱତନ୍ତ୍ର 'ବିମଳେଇ ଥାଳି'ର ମଧ୍ୟ ବ୍ୟବସ୍ଥା ରହିଛି । ମା'ଙ୍କୁ ଅର୍ପିତ ହେବା ପରେ ଏହାକୁ 'ମହାପ୍ରସାଦ' ଏବଂ 'ମା ପ୍ରସାଦ' କୁହାଯାଏ । ଯାହା କେବଳ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇଥାଏ ।

ପୂର୍ବରୁ ବିମଳାଙ୍କୁ ସ୍ୱୟଂ ଶକ୍ତିସ୍ୱରୂପିଣୀ ଜଗଜ୍ଜନନୀ କୁହାଯାଉଛି । ଏହି ଆନନ୍ଦମୟୀ ଭଗବତୀ ଦୁର୍ଗା ଓ ସଚ୍ଚିଦାନନ୍ଦ ମାଧବ ଶ୍ରୀଜଗନ୍ନାଥଙ୍କ ଯୁଗଳ ଉପାସନା ଯାହା ଦୁର୍ଗାମାଧବ ଉପାସନା ରୂପେ ବିଖ୍ୟାତ । ଯୁଗ ଯୁଗ ଧରି ସେ କୋଟି କୋଟି ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ହୋଇ ରହିଛନ୍ତି । ଶ୍ରୀମନ୍ଦିର ବେଢ଼ାରେ ବିରାଜମାନ କରି ମା' ସମଗ୍ର ସୃଷ୍ଟିକୁ ନିଜର କରୁଣା ଆଶୀର୍ବାଦ ପ୍ରଦାନ କରି ଚାଲିଛନ୍ତି ।

-ବରିଷ୍ଠ ଦର୍ଶନ ଅଧ୍ୟାପକ
ଆସିକା, ଗଞ୍ଜାମ ।
ମୋ-୯୮୬୧୩୩୪୮୬୮



ମନୋରଞ୍ଜନ

ଇଶା ଓ ଅମିତଙ୍କ 'ପ୍ରତାପ'

ନିକଟରେ ଅମିତ୍ ସାଧ ଓ ଇଶା ଦେଓଲ୍‌ଙ୍କ ଆଗାମୀ ଆକ୍ସନ ଡ୍ରାମା ଫିଲ୍ମ 'ପ୍ରତାପ'ର ଟ୍ରେଲର୍ ରିଲିଜ ହୋଇଛି। ଅମିତଙ୍କ ପରି ଇଶା ବି ଜଣେ ଭିନ୍ନ କଳାକାର। ସର୍ବଦା ନୂଆ ଜନସେପ୍ଟକୁ ନେଇ ଅଭିନୟ କରୁଥିବା ଫିଲ୍ମକୁ ପସନ୍ଦ କରିଥାନ୍ତି। ଅପରାଧୀମାନଙ୍କୁ ଶାସ୍ତି ବିଧାନ କରୁଥିବା ପୁଲିସ୍ ବି ଅନେକ ସମୟରେ ଆଇନ କାନୁନର ଜଞ୍ଜାଳ ମଧ୍ୟରେ ନିଜକୁ ଛନ୍ଦି ଦେଇଥାଏ, ଯାହାର ଉଦାହରଣ ଏହି ଫିଲ୍ମର କାହାଣୀ ମାଧ୍ୟମରେ ଦେଖିବାକୁ ମିଳିବ। ଫିଲ୍ମରେ ଅମିତ ସାଧ, ପ୍ରତାପ ନାମକ ଜଣେ ପୁଲିସ୍ ଅଧିକାରୀଙ୍କ ଭୂମିକାରେ ନଜର ଆସିବେ। ତେବେ କେଉଁ ପରିସ୍ଥିତିରେ ପ୍ରତାପଙ୍କୁ ଜେଲ୍ ଯିବାକୁ ପଡୁଛି ଓ ତାଙ୍କ ସଂସ୍ପର୍ଶରେ କେଉଁଭଳି ପ୍ରତିବନ୍ଧକ ଗୁଡ଼ିକୁ ସାମ୍ନା କରିବାକୁ ପଡୁଛି, ଟ୍ରେଲର ଦେଖିବା ପରେ ଦର୍ଶକଙ୍କ ମନରେ ଅନେକ ଉତ୍ସୁକତା ଆସୁଛି। ଏହି ଫିଲ୍ମରେ ଇଶା ଦେଓଲ୍‌ଙ୍କୁ ଏଥିରେ ଜଣେ ସାଧାସିଧା ଝିଅ ଭାବରେ ଦେଖିବାକୁ ମିଳିବ। କାହାଣୀର ଗତିଶୀଳତାକୁ ନେଇ ଦର୍ଶକ ରିଲିଜ୍ ହେବା ପରେ ରେଟିଂ ଦେବେ। ଯାହା ଜଣାପଡୁଛି, ଦର୍ଶକଙ୍କ ମନଲାଖି ଏହି ଫିଲ୍ମଟି ନିର୍ମାଣ କରାଯାଇଛି।

କିଏ ମାରିବ ବାଜି

ଭଗବାନ ନା ଭଗବତ୍



କିଏ କାହାକୁ ଟକ୍କର ଦେବ, ଧୁରନ୍ଧରକୁ ରାମାୟଣ ନା ରାମାୟଣକୁ ଧୁରନ୍ଧର। 'ଧୁରନ୍ଧର-୨'କୁ ପଛରେ ପକାଇବାକୁ କଣ ସତରେ ରାମାୟଣକୁ କସରତ୍ କରିବାକୁ ପଡ଼ିବ। ଅବଶ୍ୟ, ରାମାୟଣ ୨ ଶହ ହଜାରରୁ ଅଧିକ ଆଗୁଆ ବୁକିଂ ଟିକେଟ ବିକ୍ରିରୁ ଲାଭ ଉଠାଇଛି, ଏବଂ ବିଦେଶୀ ବଜାରରେ ମଧ୍ୟ ଏହା ବଡ଼ ଆୟ କରିବ ବୋଲି ଆଶା କରାଯାଉଛି।



ରଣବୀର ସିଂହଙ୍କ ସ୍ପାଏ-ଥ୍ରିଲର୍ 'ଧୁରନ୍ଧର-୨' ବିଷୟରେ କହିବାକୁ ଗଲେ, ଏହି ଫିଲ୍ମଟି ବକ୍ସ ଅଫିସର ସବୁ ରେକର୍ଡ଼ର୍ଡ଼ ଭାଙ୍ଗି ବଡ଼ ବ୍ୟବସାୟ କରିଥିଲା। ପ୍ରଥମ ଦିନରେ ଏହା ସାରା ବିଶ୍ୱରେ ୨୩୬ କୋଟି ଆୟ କରିଥିଲା। କେବଳ ଭାରତରେ, ଏହି ଫିଲ୍ମଟି ପ୍ରଥମ ଦିନରେ ପ୍ରାୟ ୧୦୨ କୋଟି ଆୟ କରିଥିଲା। ଯାହା ପୂର୍ବର ଅନେକ ରେକର୍ଡ଼ ଭାଙ୍ଗି ଦେଇଥିଲା। ନଭେମ୍ବର ୫ ତାରିଖରେ ମୁକ୍ତିଲାଭ କରିବାକୁ ଥିବା ଏହି ମେଗା-ବଜେଟ୍ ଫିଲ୍ମର ପ୍ରମୋଶନରୁ ଯାହା ଜଣାପଡୁଛି, ଧୁରନ୍ଧରର ରେକର୍ଡ଼ ଭାଙ୍ଗିବାକୁ ବେଶି କିଛି କଷ୍ଟ କରିବାକୁ ପଡ଼ି ନପାରେ । ରଣବୀର ସିଂହ ଓ ରନବୀର କପୁରଙ୍କ ମଧ୍ୟରେ କାହାର ପଲା ଭାରି ରହୁଛି, ଦେଖିବାକୁ ରହିଲା।







ଦୀପାବଳିରେ ବଡ଼ ଆୱାର୍ଡ ଶୋ'
'ଝଂସାର ଆୱାର୍ଡ-୨୦୨୬'

ଭାରତର ଗଣପର୍ବ ଦୀପାବଳିକୁ ଆହୁରି ରଙ୍ଗାରଙ୍ଗ କରିବା ପାଇଁ ଜୀ ସାର୍ଥକ ପରିବାରର ଏହି ସବୁଠାରୁ ବଡ଼ ଉତ୍ସବ ପ୍ରସ୍ତୁତ ରହିଛି। ଆସନ୍ତା ନଭେମ୍ବର ୧ ତାରିଖ ସନ୍ଧ୍ୟା ୬:୩୦ ମିନିଟ୍‌ରେ କେବଳ ଜୀ ସାର୍ଥକରେ ଏହି ମେଗା ଇଭେଣ୍ଟର ଟେଲିକାଷ୍ଟ ହେବାକୁ ଯାଉଛି। ଏହି ଉତ୍ସବରେ ସାର୍ଥକ ଝଂସାରର ସମସ୍ତ ମେଗା ଧାରାବାହିକ ଓ ଅନ୍ୟାନ୍ୟ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମର ପ୍ରିୟ କଳାକାରମାନେ ଯୋଗ ଦେଇ ନିଜର ଚିତ୍ତାକର୍ଷକ ପ୍ରଦର୍ଶନ କରିବେ।

ଏହି ଆୱାର୍ଡ ଶୋ'କୁ ଆହୁରି ଝଲସାଇବା ପାଇଁ ଓଲିଉଡର ନାମୀଦାମୀ କଳାକାରମାନଙ୍କର ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିବ। ଅର୍ଚ୍ଚିତା, ସ୍ୱରାଜ, ସୁପ୍ରିୟା ଓ ଶୈଳେନ୍ଦ୍ରଙ୍କ ଭଳି ତାରକା ଏଥିରେ ସାମିଲ ହେବେ। ବିଶେଷ ଆକର୍ଷଣ ଭାବରେ, ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଲିଉଡର ଲୋକପ୍ରିୟ ତାରକା ଏଲିନା ସାମନ୍ତରାୟ ଓ ସବ୍ୟସାଚୀ ମିଶ୍ର ଯୋଗଦେବେ। ଏହି ମେଗା ଇଭେଣ୍ଟ ସମ୍ପର୍କରେ ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର୍ ଶ୍ରୀଯୁକ୍ତ ରାହୁଲ୍ ରାଓ କହିଛନ୍ତି ଯେ, 'ଜୀ ସାର୍ଥକ ସବୁବେଳେ ଓଡ଼ିଶାର ଦର୍ଶକଙ୍କୁ ଉନ୍ନତମାନର ମନୋରଞ୍ଜନ ପ୍ରଦାନ କରିବାକୁ ପ୍ରୟାସ କରିଆସିଛି।

ସୋନମ୍ ବାଜୱାଙ୍କ ନୂଆ ଲୁକ୍

ସୋନମ୍ ବାଜୱାଙ୍କୁ ନୂଆ ଲୁକରେ ଏଥର ଦର୍ଶକ ଦେଖିବାକୁ ପାଇବେ। ଫିଲ୍ମ 'ସିଲା'ର ନୂଆ ପୋଷ୍ଟର୍ ରିଲିଜ ହୋଇପରେ ଏକଥା ଜଣାପଡ଼ିଛି। ନିର୍ଦ୍ଦେଶକ ଓମଙ୍ଗ କୁମାର ଦର୍ଶକମାନଙ୍କୁ ଭେଟି ଦେଉଛନ୍ତି ଏକ ରୋମାଞ୍ଚକର ଭରା ଫିଲ, ଯେଉଁଥିରେ ରହିଛି ରୋମାନ୍ସ, ଆକ୍ସନ୍, ରହସ୍ୟ ଓ ଆଡ୍‌ଭେଞ୍ଚର। ନିର୍ଦ୍ଦେଶକଙ୍କ ଅନୁସାରେ ଅଭିନେତା ହର୍ଷବର୍ଦ୍ଧନ ରାଣେ ଫିଲ୍ମରେ ପ୍ରମୁଖ ଚରିତ୍ର ଭାବରେ ଦେଖାଦେବେ। ନିଜର ଅନୁଭବକୁ ନେଇ ହର୍ଷବର୍ଦ୍ଧନ କହିଛନ୍ତି ଯେ ଫିଲ୍ମ 'ସିଲା'ରେ କାମ କରିବା ତାଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଥିଲା। ଯାହା ଜଣାପଡୁଛି ଫିଲ୍ମଟି ଆସନ୍ତା ବର୍ଷ ୫ ଫେବ୍ରୁଆରୀରେ ରିଲିଜ ହେବ। ବ୍ଲୁ ଲୋଟସ୍ ପିକ୍‌ଚର୍ସ, ଷ୍ଟାର୍ଜ ଏଣ୍ଟରଟେନ୍‌ମେଣ୍ଟ ଓ ଇନୋଭେସନ୍ସ ଇଣ୍ଡିଆ ବ୍ୟାନରରେ ଏହି ଫିଲ୍ମଟି ପରଦାକୁ ଆସୁଛି। ଓ୍ୱର୍ଲଫ୍ରେଣ୍ଡ ଦୃଷ୍ଟିରୁ ହର୍ଷବର୍ଦ୍ଧନ ରାଣେ, ଅଭିନେତା ଜନ୍ ଆବ୍ରାହମ୍‌ଙ୍କ ସହିତ ଫିଲ୍ମ 'ଫୋର୍ସ-୩'ରେ ମଧ୍ୟ ନଜର ଆସିବେ। ତେବେ ଶେଷ ଥର ପାଇଁ ତାଙ୍କୁ ଗତ ବର୍ଷ ରିଲିଜ ହୋଇଥିବା ରୋମାଣ୍ଟିକ୍ ଡ୍ରାମା 'ଏକ୍ ଦିୱାନେ କି ଦିୱାନିୟତ'ରେ ଦେଖିବାକୁ ମିଳିଥିଲା। ଏଥିରେ ତାଙ୍କ ସହିତ ମୁଖ୍ୟ ଭୂମିକାରେ ନଜର ଆସିଥିଲେ ସୋନମ୍ ବାଜୱା।



୨୧ ବର୍ଷ ପରେ ସାଙ୍ଗରେ ଗାଇବେ

ଉଦିତ୍ ନାରାୟଣ ଓ କୁମାର ସାନୁ

ବୀର୍ଘଦିନ ପରେ ଏକା ସାଙ୍ଗରେ ବ୍ଲକ୍ ସୁପର ସିଙ୍ଗର ଗୋଟିଏ ଫିଲ୍ମରେ ଗୀତ ଗାଇଥିବାର ଦେଖିବାକୁ ମିଳିବେ। ସନି ଦେଓଲ ତାଙ୍କର ଆଗାମୀ ଫିଲ୍ମ 'ସୂର୍ଯ୍ୟା: ଅନ୍ତ ସେ ଆରମ୍ଭ ତକ୍'ଫିଲ୍ମ ଆଗକୁ ରିଲିଜ ହେବାକୁ ଯାଉଛି। ସବୁଠାରୁ ବଡ଼ କଥା ହେଲା, ଏହି ଫିଲ୍ମରେ ୨୧ ବର୍ଷ ପରେ ପ୍ରସିଦ୍ଧ ଗାୟକ ଉଦିତ୍ ନାରାୟଣ ଓ କୁମାର ସାନୁଙ୍କ ସ୍ୱର ଶୁଣିବାକୁ ମିଳିବ। 'ସୁନିୟୋ ଜରା' ଗୀତରେ ଏମାନଙ୍କ ଯାଦୁଗରୀ ସ୍ୱର ରହିଛି। ଶେଷଥର ପାଇଁ ଏମାନେ ୨୦୦୫ରେ ଆସିଥିବା ଫିଲ୍ମ 'ନୋ ଏଣ୍ଟ୍ରି'ର ଗୀତ 'କହାଁ ହୋ ତୁମ୍ ରେ' ଗୀତ ଗାଇଥିଲେ। ଏହାପରେ ଏମାନେ କୌଣସି ଫିଲ୍ମରେ ଏକା ସହିତ ଗୀତ ଗାଇ ନଥିଲେ। ଏହି ଗୀତରେ ଏମାନଙ୍କ ସହିତ ଅନୁପମ ଅମୋଦଙ୍କ ସ୍ୱର ବି ଶୁଣିବାକୁ ମିଳିବ। ଏହି ଗୀତର ସ୍ୱର ଝଂଯୋଜନା କରିଛନ୍ତି ରାହୀ ଓ ଗୀତ ଲେଖିଛନ୍ତି ପ୍ରିୟା ସରିୟା। ଜି ମ୍ୟୁଜିକ ଏହି ଗୀତର ପ୍ରମୋଶନ ଦାୟିତ୍ୱ ନେଇଛି। ଏହି ଗୀତଟି ନଭେମ୍ବରରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା କହିଛି। ଏହି ଫିଲ୍ମରେ ସନିଙ୍କ ସହିତ ରବି କିଷନ, ପ୍ରଜ୍ଞା ଜାୟସୱାଲ, ମନୀଷ ଧ୍ୱାଧ୍ୱା, ଟିନୁ ଆନନ୍ଦ, ଯୀଶୁ ସେନଗୁପ୍ତ ଓ ଚନ୍ଦ୍ରଚୂଡ଼ ଚକ୍ରବର୍ତ୍ତୀଙ୍କ ପରି କଳାକାରମାନେ ନଜର ଆସିବେ।

ଜ୍ୟୋତିଷ୍ମତୀ

ଜ୍ଞାନ ବିଜ୍ଞାନ

ପ୍ଲାଜମା : କେବଳ ଏକ ଚତୁର୍ଥ ଅବସ୍ଥା ନୁହେଁ



ସାଗରିକା ରାଉତ
ଜିଲ୍ଲା ବିଜ୍ଞାନ ପରିଦର୍ଶିକା, କଟକ

ଆମେ ସାଧାରଣତଃ କଠିନ, ତରଳ ଏବଂ ଗ୍ୟାସକୁ ପଦାର୍ଥର ତିନୋଟି ଅବସ୍ଥା ଭାବରେ ଜାଣିଥାଉ; ତଥାପି ପଦାର୍ଥର ଆଉ ଦୁଇଟି ଅବସ୍ଥା ମଧ୍ୟ ଅସ୍ତିତ୍ୱରେ ରହିଛି, ଯାହା ହେଉଛି ପ୍ଲାଜମା ଯାହାକି ଚତୁର୍ଥ ଅବସ୍ଥା ଏବଂ ବୋସ୍-ଆଇନଷ୍ଟାଇନ୍ କଣ୍ଡେନସେଟ୍ ଯାହାକି ପଞ୍ଚମ ଅବସ୍ଥା ଅଟେ। ଏହି ପ୍ରବନ୍ଧ ମାଧ୍ୟମରେ, ଆମେ ପ୍ଲାଜମାର ବିଭିନ୍ନ ଦିଗ ସମ୍ପର୍କରେ ଅଧ୍ୟୟନ ଏବଂ ଅନୁସନ୍ଧାନ କରିବୁ, ଯାହାକି ଦୃଶ୍ୟମାନ ବ୍ରହ୍ମାଣ୍ଡରେ ସବୁଠାରୁ ଅଧିକ ପରିମାଣରେ ଅର୍ଥାତ୍ ଆନୁମାନିକ ଅନେକାଂଶରେ ଅର୍ଥାତ୍ ଶତକଡ଼ା ନବେ ଭାଗରୁ ଅଧିକ ପରିମାଣରେ ଉପସ୍ଥିତ ଥାଏ। ଅନ୍ୟ ଭାଷାରେ କହିବାକୁ ଗଲେ, ରାତିର ଆକାଶରେ ଚମକୁଥିବା ତାରକାଗୁଡ଼ିକ, ଦିନର ବଜ୍ରପାତ ସୂର୍ଯ୍ୟ, ଆକାଶରେ ଦୃଶ୍ୟମାନ ହେଉଥିବା ଅରୋରା ଏବଂ ନେବୁଲା- ଏସବୁ ପ୍ଲାଜମା ଭାବରେ ଦୀପ୍ତିଯୁକ୍ତ ହୋଇଥାଆନ୍ତି, ଯାହା ମୂଳତଃ ଏକ ଉତ୍ତପ୍ତ ଗ୍ୟାସ ଅଟେ ଏବଂ ଏହା ଧନାତ୍ମକ ଆବେଶିତ କଣିକା ଅର୍ଥାତ୍ ଆୟନ ଏବଂ ଋଣାତ୍ମକ ଆବେଶିତ କଣିକା ଅର୍ଥାତ୍ ଇଲେକ୍ଟ୍ରନ୍ ଦ୍ୱାରା ଗଠିତ ହୋଇଥାଏ। ମହାକାଶ ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ, ମାଇକ୍ରୋଫ୍ଲୁଇଡିକ୍ସ, ଇଲେକ୍ଟ୍ରୋନିକ୍ ଚିପ୍ସ ଏବଂ ବାୟୋମେଡିକାଲ ଇଞ୍ଜିନିୟରିଂ ଭଳି ବିଭିନ୍ନ ବୈଜ୍ଞାନିକ କ୍ଷେତ୍ରରେ ଏହାର ପ୍ରୟୋଗ ଅତ୍ୟନ୍ତ ବ୍ୟାପକ ଅଟେ।

ଲାବୋରେଟୋରୀ କିମ୍ବା ପରୀକ୍ଷାଗାରରେ ମଧ୍ୟ ଏକ ଗ୍ୟାସକୁ ଅତ୍ୟଧିକ ଉଚ୍ଚ ତାପମାତ୍ରାରେ ଉତ୍ତପ୍ତ କରି ପ୍ଲାଜମା ପ୍ରସ୍ତୁତ କରାଯାଇପାରେ, ଯାହା ତାହାର ପରମାଣୁ ଏବଂ ଅଣୁଗୁଡ଼ିକ ମଧ୍ୟରେ ପାରସ୍ପରିକ ସଂଘର୍ଷ ଘଟାଇଥାଏ। ପରିଶେଷରେ, ଇଲେକ୍ଟ୍ରନଗୁଡ଼ିକ ଅଲଗା ହୋଇଯାଆନ୍ତି, ଯାହା ଫଳରେ ଋଣାତ୍ମକ ଆବେଶିତ ଇଲେକ୍ଟ୍ରନ୍ ଏବଂ ଧନାତ୍ମକ ଆବେଶିତ ଆୟନ ଗଠିତ ହୋଇଥାଏ। ଏହି ପ୍ରକ୍ରିୟାର ତାରକାମାନଙ୍କରେ ପ୍ରାକୃତିକ ଭାବରେ ଘଟୁଥିବା ଘଟଣା ସହିତ ଗଭୀର ସାମଞ୍ଜସ୍ୟ ରହିଛି, ଯାହାକୁ ଫୋଟୋଆୟୋନାଇଜେସନ୍ ବା ଆଲୋକ ଆୟନୀକରଣ କୁହାଯାଇଥାଏ। ଏହି ପ୍ରକ୍ରିୟା ସମୟରେ, ତାରକାରୁ ଆସୁଥିବା ଫୋଟନ୍ ଗ୍ୟାସ ଦ୍ୱାରା ଅବଶୋଷିତ ହୋଇଥାଏ, ଯାହା ଇଲେକ୍ଟ୍ରନ୍ ନିର୍ଗତ କରାଏ ଏବଂ ତାରକାକୁ ଆୟନାଇଜ୍ଡ ପ୍ଲାଜମା ରୂପରେ ପ୍ରତଣ୍ଡ ଆଲୋକରେ ଚମକିବା ପାଇଁ ପ୍ରେରଣା ଯୋଗାଇଥାଏ। ଯେତେବେଳେ ମହାବିସ୍ଫୋରଣ କାରଣରୁ ଏହି ବିଶ୍ୱବ୍ରହ୍ମାଣ୍ଡ ଗଠନ ହେବାକୁ ଆରମ୍ଭ ହୋଇଥିଲା, ସେତେବେଳେ ସମସ୍ତ ପଦାର୍ଥ କେବଳ ପ୍ଲାଜମା ରୂପରେ ହିଁ ଉପସ୍ଥିତ ଥିଲା, ଯାହା ସେତେବେଳେ ପଦାର୍ଥର ପ୍ରଥମ ଅବସ୍ଥା ଥିଲା, ଏବଂ ପରେ ବିସ୍ଫୋରଣର ଖଣ୍ଡିତ ଅଂଶଗୁଡ଼ିକ ମିଳିତ ହୋଇ ତାରକାଗୁଡ଼ିକୁ ଗଠନ କରିବାକୁ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଗ୍ୟାସଗୁଡ଼ିକର ରୂପ ବଦଳି ତରଳ ଏବଂ ପରେ କଠିନରେ ପରିବର୍ତ୍ତନ ହେବା ହେତୁ ଘନୀଭୂତ ହେବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ଏହିପରି ଭାବରେ ପ୍ଲାଜମା ପଦାର୍ଥର ଚତୁର୍ଥ ଅବସ୍ଥା ଭାବରେ ସ୍ଥାନ ପାଇଥିଲା।

ବର୍ତ୍ତମାନର ଯୁଗରେ, ଏହା କିପରି ସବୁଜ ଜାଳେଣି କିମ୍ବା ଅନ୍ୟାନ୍ୟ ମୂଲ୍ୟଯୁକ୍ତ ରସାୟନ ଉତ୍ପାଦନ କରିବାରେ ସାହାଯ୍ୟ କରିପାରିବ, ତାହା ଏକ ବଡ଼ ବିଷୟ। ବିଗତ ବିଂଶ ଶତାବ୍ଦୀରେ, ଆମୋନିଆ ଉତ୍ପାଦନ ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଆବଷ୍କାର ହୋଇଥିଲା, ଯାହାକୁ ହେର୍ବ-ବସ୍ ପ୍ରକ୍ରିୟା ଭାବରେ ଜଣାଯାଏ ଏବଂ ଏହା ସାମଗ୍ରିକ ଭାବରେ ରାସାୟନିକ ଶିଳ୍ପ ଜଗତରେ ଏକ ବିପ୍ଳବ ଆଣିଥିଲା। ତଥାପି, ଅନ୍ୟାନ୍ୟ ସମୟରେ ଅର୍ଥାତ୍ ୧୯୦୩ ମସିହାରେ, ବୈଜ୍ଞାନିକମାନେ ଚାର୍ଜ ହୋଇଥିବା ତମ୍ବା ଇଲେକ୍ଟ୍ରୋଡ୍ ଏବଂ ଏକ ଦୃଢ଼ ଚୁମ୍ବକୀୟ କ୍ଷେତ୍ର ମାଧ୍ୟମରେ ବାୟୁ ପ୍ରବାହିତ କରି ନାଇଟ୍ରିକ୍ ଏସିଡ୍ ଉତ୍ପାଦନ କରିବା ପାଇଁ ପ୍ଲାଜମାକୁ ବ୍ୟବହାର କରି ବିଭିନ୍ନ ପରୀକ୍ଷା କରିଥିଲେ ଏବଂ ଶେଷରେ ସଫଳତାର ସହିତ ନାଇଟ୍ରିକ୍ ଏସିଡ୍ ପ୍ରସ୍ତୁତ କରିଥିଲେ। ମାତ୍ର ସେତେବେଳେ ଉତ୍ପନ୍ନ ହୋଇଥିବା ନାଇଟ୍ରିକ୍ ଏସିଡର କାର୍ଯ୍ୟକ୍ଷମତା ବା ଦକ୍ଷତା ବହୁତ କମ୍ ରହିଥିଲା।

ପ୍ଲାଜମା ମୁଖ୍ୟତଃ ଦୁଇଟି ପ୍ରକାରର ଉପାୟରେ ସୃଷ୍ଟି କରାଯାଇପାରିବ, ଯାହାକୁ ଥର୍ମାଲ୍ ପ୍ଲାଜମା ଏବଂ କୋଲ୍ଡ ପ୍ଲାଜମା କୁହାଯାଏ। ଥର୍ମାଲ୍ ପ୍ଲାଜମାର କ୍ଷେତ୍ରରେ, ଏହାର ଉତ୍ସଟି ମାଇକ୍ରୋୱେଭ୍ ପରି ହୋଇଥାଏ, ଯେଉଁଥିରେ ଇଲେକ୍ଟ୍ରନ୍, ଆୟନ, ଏବଂ ପରମାଣୁ ଭଳି ସମସ୍ତ ପ୍ରଜାତିଗୁଡ଼ିକ ସମାନ ତାପମାତ୍ରାରେ ଅବସ୍ଥାନ କରିଥାଆନ୍ତି ଏବଂ ଏହି ପ୍ଲାଜ୍ମାଗୁଡ଼ିକ ପ୍ରାୟ ଦଶ ହଜାର ଡିଗ୍ରୀ ସେଲ୍ସିୟସ୍ ପର୍ଯ୍ୟନ୍ତ ଅତ୍ୟଧିକ ତାପମାତ୍ରାରେ ରହିବାର ସମ୍ଭାବନା ରଖିଥାଆନ୍ତି। ଅନ୍ୟପକ୍ଷରେ, କୋଲ୍ଡ ପ୍ଲାଜ୍ମାର କ୍ଷେତ୍ରରେ ତାପମାତ୍ରା ସେତେ ଅଧିକ ନଥାଏ ଏବଂ ଏହା ପ୍ରାୟତଃ ପରିବେଶର ସାଧାରଣ ତାପମାତ୍ରାରେ ଥାଏ, କାରଣ ଏହି ଶକ୍ତି ପ୍ରତିକ୍ରିୟାଶୀଳ ପ୍ରଜାତି ଏବଂ ଇଲେକ୍ଟ୍ରନଗୁଡ଼ିକର କାର୍ଯ୍ୟକଳାପ ଯୋଗୁଁ ସୃଷ୍ଟି ହୋଇଥାଏ, ଯାହା ଗ୍ୟାସକୁ ଉତ୍ତପ୍ତ କରିଥାଏ। ବାୟୁମଣ୍ଡଳରେ ଦୃଶ୍ୟମାନ ହେଉଥିବା କୋରୋନା ଡିସଚାର୍ଜ ଏହି ପ୍ରକାରର ଏକ ଜଳଜଳ ଉଦାହରଣ ଅଟେ।

ପ୍ଲାଜମାରେ କାର୍ବନ ଡାଇଅକ୍ସାଇଡ୍ ଏବଂ ନାଇଟ୍ରୋଜେନ୍ ପରି କଠିନ ଅଣୁଗୁଡ଼ିକୁ ସକ୍ରିୟ କରିବାର ଅଦ୍ଭୁତ କ୍ଷମତା ରହିଛି, ଯାହା ଅତ୍ୟନ୍ତ ଶକ୍ତି-ଦକ୍ଷ ପଦ୍ଧତିରେ ଏହି ଅଣୁଗୁଡ଼ିକୁ ମୂଲ୍ୟ-ଯୋଡ଼ିତ ଉତ୍ପାଦ ଏବଂ ବହୁମୂଲ୍ୟ ରସାୟନରେ ପରିଣତ କରିବାରେ ସଫଳ କରିଥାଏ। କାର୍ବନ ଡାଇଅକ୍ସାଇଡ୍ କିମ୍ବା ନାଇଟ୍ରୋଜେନକୁ ପ୍ଲାଜମା ବ୍ୟବହାର କରି ସକ୍ରିୟ କରିବାର ସମଗ୍ର ପ୍ରକ୍ରିୟାରେ, ସେମାନଙ୍କର କ୍ଷୁଦ୍ର ବସ୍ତୁତ୍ୱ ହେତୁ ବୈଦ୍ୟୁତିକ ଶକ୍ତି ସିଧାସଳଖ ଇଲେକ୍ଟ୍ରନଗୁଡ଼ିକୁ ଉତ୍ତପ୍ତ କରିଥାଏ, ଯାହା ଗ୍ୟାସ ସହିତ ସଂଘର୍ଷ ଘଟାଇଥାଏ ଏବଂ ଏହା ଦ୍ୱାରା ଅଣୁଗୁଡ଼ିକରେ ଉତ୍ତେଜନା, ଆୟନୀକରଣ ଏବଂ ବିଘଟନ ପ୍ରକ୍ରିୟା ଘଟିଥାଏ। ଏହି ଉତ୍ତେଜିତ ପ୍ରଜାତିଗୁଡ଼ିକ ପରସ୍ପର ସହିତ ପ୍ରତିକ୍ରିୟା କରି ସମ୍ପୂର୍ଣ୍ଣ ନୂତନ ଅଣୁଗୁଡ଼ିକର ସୃଷ୍ଟି କରିଥାଆନ୍ତି। ଶକ୍ତିର କୌଣସି ସନ୍ତୁଳନ ନଥିବା ଏଲେକ୍ଟ୍ରନ୍ ଏବଂ ଗ୍ୟାସ ମଧ୍ୟରେ ଥିବା ଏହି ଅସନ୍ତୁଳନ କାରଣରୁ, ସାଧାରଣତଃ ଅସମ୍ଭବ ବୋଲି ବିବେଚନା କରାଯାଉଥିବା ପ୍ରତିକ୍ରିୟାଗୁଡ଼ିକୁ ମଧ୍ୟ ଘଟିବାକୁ ଦେବାର ସମ୍ଭାବନା ସୃଷ୍ଟି ହୋଇଥାଏ, ଯେପରିକି ନାଇଟ୍ରୋଜେନ୍ କିମ୍ବା କାର୍ବନ ଡାଇଅକ୍ସାଇଡ୍ ଅଣୁଗୁଡ଼ିକର ସହଜରେ ବିଭାଜନ ହେବା, କିମ୍ବା ମିଥେନର ଶୁଖିଲା ରିଫର୍ମିଂ ପ୍ରକ୍ରିୟା।

ଯେପରିକି ଆମେ ସମସ୍ତେ ଜାଣୁ ଯେ କାର୍ବନ ଡାଇଅକ୍ସାଇଡ୍ ହେଉଛି ଏକ ଅତ୍ୟନ୍ତ ସ୍ଥିର ଅଣୁ, ତେଣୁ ବିଭିନ୍ନ ଇନ୍ଧନ ଏବଂ ମୂଲ୍ୟ-ଯୋଡ଼ିତ ରସାୟନ ଉତ୍ପାଦନ ପାଇଁ ଏହାର ବିଭାଜନ କରିବା ଏକବିଂଶ ଶତାବ୍ଦୀରେ ଏକ ବଡ଼ ଆହ୍ୱାନ ଅଟେ। ଏକ ପରିଷ୍କାର ଇନ୍ଧନ ଉତ୍ପାଦନ କରିବା ପାଇଁ ଥର୍ମୋକେମିକାଲ୍, ଫଟୋକେମିକାଲ୍, ଏବଂ ସୋନୋକେମିକାଲ୍ ଇତ୍ୟାଦି ବିଭିନ୍ନ ପ୍ରକାରର ପ୍ରଯୁକ୍ତିବିଦ୍ୟା ରହିଛି, ଯାହା ମାଧ୍ୟମରେ ଏହା କରାଯାଇଥାଏ। ତଥାପି, ଏହି ପଦ୍ଧତି ଆଡକୁ ଏକ ଅତିରିକ୍ତ ଏବଂ ସମ୍ପୂର୍ଣ୍ଣ ଅଭିନବ ପ୍ରଯୁକ୍ତିବିଦ୍ୟା ଭାବରେ ପ୍ଲାଜମାକୁ ଅତି ଗୁରୁତ୍ୱପୂର୍ଣ୍ଣ ଭାବରେ ଦେଖାଯାଇପାରେ। ଅତୀତର ଅଶି ଦଶକରେ, କାର୍ବନ ମୋନୋକ୍ସାଇଡ୍ ଏବଂ ଅମ୍ଳଜାନକୁ ପୃଥକ୍ କରିବା ପାଇଁ ବହୁପ୍ରକାରର ପ୍ଲାଜମା ରିଆକ୍ଟର୍ ବ୍ୟବହାର କରାଯାଉଥିଲା। ବ୍ୟବହୃତ ଉତ୍ସ ଅନୁଯାୟୀ ବିଭିନ୍ନ ପ୍ରକାରର ପ୍ଲାଜମା ରିଆକ୍ଟର୍ କାର୍ଯ୍ୟ କରିଥାଏ, ଯେପରିକି ଡାଇଇଲେକ୍ଟ୍ରିକ୍ ବାରିୟର ଡିସଚାର୍ଜସ ରିଆକ୍ଟର୍, ଯେଉଁଠାରେ କାର୍ବନ ଡାଇଅକ୍ସାଇଡ୍ ରୂପାନ୍ତରଣର ମାତ୍ରା ପ୍ରାୟ ଶତକଡ଼ା ତ୍ରିଶ ଭାଗ ଅଟେ, ଏବଂ ଏହାର ଶକ୍ତି ଦକ୍ଷତା ପ୍ରାୟ ଦଶ ପ୍ରତିଶତ ପର୍ଯ୍ୟନ୍ତ ରହିଥାଏ। ମାଇକ୍ରୋୱେଭ୍ ପ୍ଲାଜମା ରିଆକ୍ଟରେ, ଶକ୍ତି ଦକ୍ଷତା ବେଶ୍ ଅଧିକ ପରିମାଣରେ ମିଳିଥାଏ; ତଥାପି ଏହାକୁ କମ୍ ଚାପରେ ପରିଚାଳନା କରିବାକୁ ପଡ଼ିଥାଏ। ଗ୍ଲାଇଡିଂ ଆର୍କ ଡିସଚାର୍ଜ ପ୍ଲାଜମା ବ୍ୟବସ୍ଥାରେ, ଶକ୍ତି ଦକ୍ଷତା ପ୍ରାୟ ଚାଳିଶ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ବିଶୁଦ୍ଧ କାର୍ବନ ଡାଇଅକ୍ସାଇଡ୍ ବିଭାଜନ, କାର୍ବନ ଡାଇଅକ୍ସାଇଡ୍, ମିଥେନ୍, ହାଇଡ୍ରୋଜେନ୍ କିମ୍ବା ଜଳର ବିଭିନ୍ନ ମିଶ୍ରଣ ଭଳି ଅଧିକ ଶକ୍ତି-ଦକ୍ଷ ପ୍ରକ୍ରିୟାଗୁଡ଼ିକରେ, ଯେଉଁଠାରେ ହାଇଡ୍ରୋଜେନର ଉତ୍ସ ପ୍ରାକୃତିକ ଭାବରେ ଉପସ୍ଥିତ ଥାଏ, ସେଠାରେ ଅନେକ ପ୍ରକାରର ଉତ୍ପାଦ ଉତ୍ପନ୍ନ ହୋଇପାରିବ। ଏହି ସମସ୍ତ ପ୍ରକ୍ରିୟାରେ ମୁଖ୍ୟ ଉତ୍ପାଦ ସିଙ୍ଗାସ୍ ହୋଇଥାଏ; ତଥାପି ଏହା ସହିତ ଅକ୍ସିଜେନେଟ୍ ଏବଂ ଅଧିକ ପରିମାଣର ହାଇଡ୍ରୋକାର୍ବନ ମଧ୍ୟ ପ୍ରସ୍ତୁତ ହୋଇଥାଏ। ଯଦି ଏହି ସମସ୍ତ ପ୍ରତିକ୍ରିୟାଗୁଡ଼ିକୁ କାଟାଲିଟିକାଲ୍ ବା ଅନୁପ୍ରେରକ ପଦ୍ଧତିରେ ସମ୍ପାଦିତ କରାଯାଏ, ତେବେ ଉତ୍ପାଦର ଦକ୍ଷତା ବୃଦ୍ଧି ପାଇବାର ଅଧିକ ସମ୍ଭାବନା ରହିଥାଏ।

ବର୍ତ୍ତମାନର ସମୟରେ, ହାଇଡ୍ରୋଜେନ୍ ଉତ୍ପାଦନ ହେଉଛି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର, ଯେଉଁଠାରେ ଏହାକୁ ଏକ ପରିଷ୍କାର ଏବଂ ସ୍ଥାୟୀ ଉତ୍ସ ମାଧ୍ୟମରେ ଦକ୍ଷତାର ସହିତ ଉତ୍ପାଦନ କରିବା ଏକ ବଡ଼ ଆହ୍ୱାନ ହୋଇପଡ଼ିଛି। ପାରମ୍ପାରିକ ଜୀବାଶ୍ମ ଇନ୍ଧନ ମାଧ୍ୟମରେ ଉତ୍ପନ୍ନ ହୁଏତ ହାଇଡ୍ରୋଜେନ୍ ମିଳିଥାଏ କିନ୍ତୁ ଏହା ପରିବେଶରେ ଏକ କ୍ଷତିକାରକ କାର୍ବନ ଫୁଟପ୍ରିଣ୍ଟ୍ ଛାଡିଥାଏ; ଏହି କାରଣରୁ ଏହାକୁ ପ୍ରସ୍ତୁତ କରିବାର ସମ୍ପୂର୍ଣ୍ଣ ନୂତନ ଉପାୟଗୁଡ଼ିକ ଆଜିର ଦିନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ପ୍ଲାଜମା ଇଲେକ୍ଟ୍ରୋଲାଇଜର୍ସଗୁଡ଼ିକ ଏହି ଦିଗରେ ଏକ ପରିଷ୍କାର ଏବଂ ଅଧିକ ସ୍ଥାୟୀ ପଦ୍ଧତି ଆଡକୁ ଏକ ନୂତନ ପଥ ପରିଷ୍କାର କରୁଛନ୍ତି।

ହାଇଡ୍ରୋଜେନ୍ ଉତ୍ପାଦନ ପାଇଁ ପ୍ଲାଜମା ଚାମ୍ବର ଭିତରେ ବ୍ୟବହୃତ ହେଉଥିବା ବୈଦ୍ୟୁତିକ ଶକ୍ତିକୁ ଏପରି କିଛି ନିର୍ଦ୍ଦିଷ୍ଟ ଆବୃତ୍ତିରେ ପ୍ରୟୋଗ କରାଯାଏ, ଯାହା ପାରମ୍ପାରିକ ଆଲକାଲାଇନ୍ ଇଲେକ୍ଟ୍ରୋଲାଇଜର୍ସର ସମ୍ପୂର୍ଣ୍ଣ ବିପରୀତ ଭାବରେ ଅନୁକୂଳ ପ୍ରତିକ୍ରିୟାଗୁଡ଼ିକୁ ସୃଷ୍ଟି କରିଥାଏ। ଏହି ସମ୍ବନ୍ଧୀୟ ଅନ୍ୟ ଏକ ଗବେଷଣାରୁ ଜଣାପଡିଛି ଯେ, ଗ୍ରାଫୋର୍ସ ଏବଂ ଓ୍ୱର୍ଲେ ନାମକ ଦୁଇଟି ପ୍ରମୁଖ କମ୍ପାନୀ ପ୍ଲାଜମାଲିସିସ୍ ନାମକ ଏକ ଅଭିନବ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସବୁଜ ହାଇଡ୍ରୋଜେନ୍ ସଫଳତାର ସହିତ ବିକଶିତ କରିଛନ୍ତି। ଏହି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ, ତରଳ ପ୍ରାକୃତିକ ଗ୍ୟାସ, ଫ୍ଲେୟାର୍ ଗ୍ୟାସ ଏବଂ ଅନ୍ୟାନ୍ୟ ହାଇଡ୍ରୋକାର୍ବନଗୁଡ଼ିକୁ ସଫଳତାର ସହିତ ହାଇଡ୍ରୋଜେନ୍ ଏବଂ ଅନ୍ୟାନ୍ୟ କାର୍ବନ ଡାଇଅକ୍ସାଇଡ୍ ମୌଳିକ ପଦାର୍ଥରେ ପରିଣତ କରାଯାଇଥାଏ, ଯାହାଦ୍ୱାରା ଏହା ଏକ ଅତ୍ୟନ୍ତ ସ୍ଥାୟୀ ପ୍ରକ୍ରିୟା ହୋଇପାରୁଛି ଏବଂ ଏଥିରେ କୌଣସି ପ୍ରକାରର କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ହେଉନାହିଁ। ଗ୍ରାଫୋର୍ସ କମ୍ପାନୀ ମଧ୍ୟ ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁରୁ ହାଇଡ୍ରୋଜେନ୍ ଉତ୍ପାଦନ କରିବାର ଏକ ସମ୍ପୂର୍ଣ୍ଣ ନୂତନ ଧାରଣା ଆଣିଛି। ଏହି ପ୍ରକ୍ରିୟାରେ ଜଳର ଅଣୁଗୁଡ଼ିକୁ ବିଭାଜନ କରାଯାଏ ନାହିଁ, ବରଂ ଫିଡ୍ଷ୍ଟକ୍ ମଧ୍ୟରେ ପୂର୍ବରୁ ଉପସ୍ଥିତ ଥିବା ଅନ୍ୟାନ୍ୟ ହାଇଡ୍ରୋକାର୍ବନ ଅଣୁଗୁଡ଼ିକୁ ସଫଳତାର ସହିତ ବିଭାଜନ କରାଯାଇଥାଏ, ଯାହା ଅତ୍ୟନ୍ତ ପ୍ରେରଣାଦାୟକ ଅଟେ।

ସୌର-ସଂଯୁକ୍ତ ପ୍ଲାଜମା ପ୍ରଯୁକ୍ତିବିଦ୍ୟା ଆମକୁ କିପରି ସାହାଯ୍ୟ କରିପାରିବ ? ଆମେ ସମସ୍ତେ ଏହା ଭଲଭାବେ ଜାଣୁ ଯେ ଆମର ସୌରଜଗତରେ ପ୍ରଚୁର ପରିମାଣରେ ପ୍ଲାଜମା ଏବଂ ସୌର ପବନ ବିଦ୍ୟମାନ ରହିଛି। ଯଦି ଆମେ ଫୋଟୋଭୋଲ୍ଟାଇକ୍ କୋଷଗୁଡ଼ିକର କାର୍ଯ୍ୟକ୍ଷମତା ବା ଦକ୍ଷତାକୁ ଆହୁରି ଉନ୍ନତ କରିବାକୁ ଚାହୁଁ, ତେବେ ପ୍ଲାଜମା ପ୍ରଯୁକ୍ତିବିଦ୍ୟା ବହୁତ ବଡ଼ ସଫଳତା ଆଣିପାରିବ। ସୌର କୋଷଗୁଡ଼ିକରେ, ପ୍ଲାଜମା-ବର୍ଦ୍ଧିତ ରାସାୟନିକ ବାଷ୍ପ ଜମାବର୍ଷଣ ପ୍ରଣାଳୀ ସୌର କୋଷ ମଧ୍ୟରେ ସିଲିକନ୍ କିମ୍ବା ଅନ୍ୟାନ୍ୟ ଅର୍ଦ୍ଧପରିବାହୀ ଜମା କରିବା ପାଇଁ ବ୍ୟବହାର କରାଯାଇଥାଏ। ଏହା ଏକ ଚମତ୍କାର ବୈଷୟିକ କୌଶଳ ଅଟେ, ଯାହା ଏକକରୂପତା ଏବଂ ସମ୍ପୂର୍ଣ୍ଣ ତ୍ରୁଟି-ମୁକ୍ତ ସ୍ତର ପ୍ରଦାନ କରିବା ସହିତ ଏହି କୋଷଗୁଡ଼ିକର ସାମଗ୍ରିକ ଆୟୁଷକୁ ମଧ୍ୟ ବୃଦ୍ଧି କରିଥାଏ।

ଭବିଷ୍ୟତର ମହାକାଶ ପ୍ରଯୁକ୍ତିବିଦ୍ୟାରେ ଏକ ବଡ଼ ପରିବର୍ତ୍ତନ ପ୍ଲାଜମା ପ୍ରୋପଲସନ୍ ମାଧ୍ୟମରେ ଦେଖିବାକୁ ମିଳିପାରିବ। ଯଦି ଆୟନାଇଜଡ୍ ଗ୍ୟାସ ବ୍ୟବହାର କରି ମହାକାଶଯାନଗୁଡ଼ିକ ପାଇଁ ଆବଶ୍ୟକୀୟ ଥ୍ରଷ୍ଟ ପ୍ରଦାନ କରାଯାଇପାରିବ, ତେବେ ଏହା ପାରମ୍ପାରିକ ପଦ୍ଧତିର ସମସ୍ତ ସୀମାବଦ୍ଧତାକୁ ସଫଳତାର ସହିତ ଅତିକ୍ରମ କରିପାରିବ। ଏହି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ, ଏକ ନିର୍ଦ୍ଦିଷ୍ଟ ଗ୍ୟାସକୁ ଉତ୍ତପ୍ତ କରି ପ୍ଲାଜମା ସୃଷ୍ଟି କରାଯାଏ, ଯେଉଁଥିରେ ସମ୍ଭବତଃ ଜେନନ୍ ବ୍ୟବହାର ହୋଇଥାଏ ଏବଂ ଫଳସ୍ୱରୂପ ଧାରଣ କଣିକାଗୁଡ଼ିକ ଏକ ଶକ୍ତିଶାଳୀ ଚୁମ୍ବକୀୟ କିମ୍ବା ବୈଦ୍ୟୁତିକ କ୍ଷେତ୍ର ମାଧ୍ୟମରେ ଅତ୍ୟଧିକ ତ୍ୱରାନ୍ୱିତ ହୋଇ ଥ୍ରଷ୍ଟ ଉତ୍ପନ୍ନ କରିଥାଆନ୍ତି। ପାରମ୍ପାରିକ ଥ୍ରଷ୍ଟ ପ୍ରଣାଳୀରେ, ଏକ ପ୍ରୋପେଲାଣ୍ଟର ଦ୍ରୁତ ଦହନ ଘଟିଥାଏ ଏବଂ ଏହା ଥ୍ରଷ୍ଟ ଉତ୍ପନ୍ନ କରିଥାଏ; ତଥାପି ଅଧିକ ଉନ୍ନତ କାର୍ଯ୍ୟିକ କ୍ଷମତା କେବଳ ଆୟନାଇଜଡ୍ ଗ୍ୟାସ ବ୍ୟବହାର କରିବା ଦ୍ୱାରା ହାସଲ କରାଯାଇଥାଏ। ଏଠାରେ, କୌଣସି ବି ପ୍ରକାରର ରାସାୟନିକ ପ୍ରତିକ୍ରିୟାର ସୀମାବଦ୍ଧତା ବିନା ବୈଦ୍ୟୁତିକ ଶକ୍ତି ସିଧାସଳଖ ଗତିଜ ଶକ୍ତିରେ ରୂପାନ୍ତରିତ ହୋଇଥାଏ। ଯତେବେଳେ ଆୟନଗୁଡ଼ିକ ଅଧିକ ବେଗରେ ତ୍ୱରାନ୍ୱିତ ହୁଅନ୍ତି, ସେତେବେଳେ ଏକ ବୃହତ ପ୍ରେରଣା ମିଳିଥାଏ, ଯାହା ପ୍ଲାଜମା ଇଞ୍ଜିନର ପ୍ରୋପଲସନ୍ ଦକ୍ଷତା, କମ୍ ସ୍ଥୁଳତା ଏବଂ ସର୍ବୋପରି କମ୍ ପରିଚାଳନା ମୂଲ୍ୟର ଏକ ପ୍ରମୁଖ ମାପ ଅଟେ।

ମହାକାଶ ଅଭିଯାନ ଏବଂ ଉପଗ୍ରହ କ୍ଷେପଣ ପାଇଁ ମଧ୍ୟ ପ୍ଲାଜମା ଇଞ୍ଜିନଗୁଡ଼ିକ ଅତ୍ୟନ୍ତ ପ୍ରଭାବଶାଳୀ ବୋଲି ପ୍ରମାଣିତ ହୋଇଛି। ସେଗୁଡ଼ିକ ପାରମ୍ପାରିକ ପ୍ରୋପଲସନ୍ ସିଷ୍ଟମର ଏକ ଉତ୍ତମ ବିକଳ୍ପ ଅଟେ ଏବଂ ଆୟନାଇଜଡ୍ ଗ୍ୟାସର ବ୍ୟବହାର ଯୋଗୁଁ ଏହା ମହାକାଶ ଆବର୍ଜନାକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ତଥାପି ପ୍ଲାଜମା ପ୍ରଯୁକ୍ତିବିଦ୍ୟାର ମଧ୍ୟ କିଛି ନିର୍ଦ୍ଦିଷ୍ଟ ସୀମାବଦ୍ଧତା ରହିଛି। ଅତ୍ୟଧିକ ଉଚ୍ଚ ତାପମାତ୍ରା ଏବଂ ବିକିରଣକୁ ପ୍ରତିହତ କରିବା ପାଇଁ ଆବଶ୍ୟକ ହେଉଥିବା ସାମଗ୍ରୀଗୁଡ଼ିକର ବୈଷୟିକ ଏବଂ ଅନ୍ୟାନ୍ୟ ଦିଗଗୁଡ଼ିକ ପାଇଁ ଅଧିକ ପରିଚାଳନା ଖର୍ଚ୍ଚର ଆବଶ୍ୟକତା ପଡ଼ିଥାଏ।

ସାମଗ୍ରିକ ଭାବରେ, ପ୍ଲାଜମା ପ୍ରଯୁକ୍ତିବିଦ୍ୟା କୌଣସି ସାଧାରଣ କିମ୍ବା ପୁରୁଣା ପ୍ରଯୁକ୍ତି ନୁହେଁ। ବିଭିନ୍ନ ପ୍ରକାରର ଇନ୍ଧନ, ଅନ୍ୟାନ୍ୟ ହାଇଡ୍ରୋକାର୍ବନ ଉତ୍ପାଦନ ପାଇଁ, କିମ୍ବା ରାସାୟନିକ ଶିଳ୍ପ ତଥା ଜୈବ ପ୍ରଯୁକ୍ତିବିଦ୍ୟାରେ ଏହାକୁ ବ୍ୟବହାର କରିବା ପାଇଁ ପୃଥିବୀ ପୃଷ୍ଠରେ କିମ୍ବା ମହାକାଶରେ ଏହା ଉପରେ ବ୍ୟାପକ ଗବେଷଣା ଜାରି ରହିଛି। ଏହାର

ରଙ୍ଗ

ଆମ ପାଇଁ ଆନନ୍ଦ ଗଛ ପାଇଁ ଆତଙ୍କ


ଡଃ.ଅରୁନ୍ଧତୀ ଦେବୀ


ଦଶହରା ସରିଲା, ଆଗକୁ ଆସୁଛି ଦୀପାବଳୀ । ପରେ କାର୍ତ୍ତିକ ପୂର୍ଣ୍ଣିମା ଓ ବାଲିଯାତ୍ରା, ପ୍ରାୟ ଏସବୁ ଭିତରେ ରଙ୍ଗୀନ ଆଲୋକ ସଜ୍ଜା ଅନେକଙ୍କୁ ଭଲ ଲାଗେ । ଏହା ବ୍ୟତୀତ ବିଭିନ୍ନ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନ ବେଳେ ଗଛରେ ବିଦ୍ୟୁତ ଆଲୋକମାଳା ଲଗାଇବା ସମ୍ପ୍ରତି ସାଜସଜ୍ଜାର ଧାରା ପାଲଟି ଗଲାଣି । କିନ୍ତୁ ଏଥିଯୋଗୁଁ ପ୍ରକୃତି ଓ ପାରିପାର୍ଶ୍ୱିକ ପରିବେଶରେ ସୃଷ୍ଟି ହେଉଥିବା ଭୟଙ୍କର ବିପଦ ପ୍ରତି ଆମର ଧ୍ୟାନ ରହୁନାହିଁ । ଅତ୍ୟନ୍ତ ଉଦବେଗର ବିଷୟ ହେଉଛି, ଓଡ଼ିଶାରେ ଆଜି ପର୍ଯ୍ୟନ୍ତ ବୃକ୍ଷ ସଂରକ୍ଷଣ ସଂକ୍ରାନ୍ତରେ କୌଣସି ଆଇନ ହୋଇପାରିନାହିଁ । ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, କୋଲକାତା, ଗୋଆ ଓ ଆନ୍ଧ୍ର ଭଳି ସ୍ଥାନରେ ବୃକ୍ଷ ସଂରକ୍ଷଣ ଆଇନ ରହିଛି । ସ୍ୱତନ୍ତ୍ର ପ୍ରଦେଶ ଭାବେ ୮୮ ବର୍ଷ ତଳୁ ମାନ୍ୟତାପ୍ରାପ୍ତ ଓଡ଼ିଶାରେ ବୃକ୍ଷ ସଂରକ୍ଷଣ ଆଇନ ନଥିବା ଆମ ପରିବେଶ ସଚେତନତା ପ୍ରତି ବିନ୍ଦୁପ ନୁହେଁ କି ? ସେହିପରି ଓଡ଼ିଶାରେ ବୃକ୍ଷ ପ୍ରାଧିକରଣ (ଟ୍ରି ଅଥରିଟି) ମଧ୍ୟ ଗଠନ ହୋଇପାରି ନାହିଁ ।

ପରିବେଶ ଆଇନଜ୍ଞଙ୍କ କହିବା ଅନୁଯାୟୀ ଓଡ଼ିଶାରେ ବୃକ୍ଷ ପ୍ରାଧିକରଣ ଗଠନ ନ ହୋଇପାରିବାର କାରଣ ହେଉଛି, ଆମ ରାଜ୍ୟରେ ବୃକ୍ଷ ସଂରକ୍ଷଣ ଆଇନ ନାହିଁ । ନିର୍ଦ୍ଦିଷ୍ଟ ଆଇନ ନଥିବାରୁ ଅନେକ ସମୟରେ ପଥପାର୍ଶ୍ୱରେ କିମ୍ବା ବିଭିନ୍ନ ସରକାରୀ ଓ ବେସରକାରୀ ଜମିରେ ଥିବା ପୁରାତନ ଗଛ ଗୁଡ଼ିକୁ ଅବାଧରେ ଯଦି ଯେତେବେଳେ ପାରୁଛି କାଟି ନେଉଛି ପ୍ରତିବାଦ କରିବାକୁ କେହି ନାହିଁ, ପ୍ରତିବାଦ କଲେ ବି କିଛି ଲାଭ ହେଉନାହିଁ । ବେସରକାରୀ ଭାବେ ନୁହେଁ ଅନେକ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ଗଛ ମାନଙ୍କରେ ଉଜ୍ଜ୍ୱଳ ଆଲୋକ ରାତି ରାତି ଧରି କାର୍ଯ୍ୟକ୍ରମରେ ସାମିଲ କରାଯାଉଛି କିନ୍ତୁ ଏହା ପଛରେ ପରିବେଶର ଅବକ୍ଷୟକୁ କେହି ଚିନ୍ତା କରୁନାହାନ୍ତି ।


ବୃକ୍ଷ ସଂରକ୍ଷଣ ଆଇନ ନଥିବାରୁ ଆଜିକାଲି ଉଭୟ ସରକାରୀ ଓ ବେସରକାରୀ ଭାବେ ପାଳିତ ବିଭିନ୍ନ ପର୍ବପର୍ବାଣୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉତ୍ସବ କିମ୍ବା ଅନ୍ୟାନ୍ୟ ବ୍ୟବସାୟିକ ସାଜସଜ୍ଜା ପାଇଁ ଗଛବୃଚ୍ଛରେ ରଙ୍ଗବେରଙ୍ଗ ବିଦ୍ୟୁତ୍ ଆଲୋକ ଲଗାଯାଉଛି । ଫଳରେ ଅନେକ ବୃକ୍ଷଲତା ଓ ଜୀବଜନ୍ତୁ, ବିଶେଷତଃ ପକ୍ଷୀମାନେ ଭୀଷଣ ପ୍ରଭାବିତ ହେଉଛନ୍ତି । ବିଦ୍ୟୁତ୍ ତାର ଓ ଆଲୋକର ଉପସ୍ଥିତି ଗଛର ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ । ଏହାଦ୍ୱାରା ବୃକ୍ଷଜଗତରୁ ପ୍ରାଣୀ ସମାଜକୁ ମିଳୁଥିବା ଅମ୍ଳଜାନ ଯୋଗାଣରେ ବାଧା ଉପୁଜେ ଏବଂ ଗଛଲତା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ ପ୍ରକ୍ରିୟାରେ ବାଧା ଉତ୍ପନ୍ନ ହୁଏ । ବୃକ୍ଷଲତାରେ ବିଦ୍ୟୁତ ତାର ଓ ଆଲୋକସଜ୍ଜା ପକ୍ଷୀଙ୍କ ପ୍ରାକୃତିକ ବାସସ୍ଥଳୀ ପ୍ରତି ବିପଦ ସୃଷ୍ଟି କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ କ୍ଷତିକାରକ ହୋଇଥାଏ । ମୁଖ୍ୟତଃ ବିଦ୍ୟୁତ ଆଲୋକରୁ ଉତ୍ପନ୍ନ ଉତ୍ତାପ ଗଛର ନିଶ୍ୱାସପ୍ରଶ୍ୱାସ ପ୍ରକ୍ରିୟାରେ ଗୁରୁତର କୁପ୍ରଭାବ ପକାଇଥାଏ । ପକ୍ଷୀମାନଙ୍କର ବସା ବାନ୍ଧିବାରେ ଏହା ଖୁବ ବିଶୃଙ୍ଖଳା ସୃଷ୍ଟି କରିଥାଏ । ଉଜ୍ଜ୍ୱଳ ବିଦ୍ୟୁତ ଆଲୋକ ପକ୍ଷୀଙ୍କ ପ୍ରାକୃତିକ ବାସସ୍ଥଳୀରେ ବ୍ୟାଘାତ ସୃଷ୍ଟି କରିବା କାରଣରୁ ଗଛରେ ଥିବା କୀଟପତଙ୍ଗ ଓ ମୂଷାଙ୍କ ଉପରେ ମଧ୍ୟ ଆନୁପାତିକ ପ୍ରଭାବ ପଡୁଛି । ତେଣୁ ଏଭଳି କାର୍ଯ୍ୟ ବିରୋଧରେ ବିଭାଗୀୟ ପଦାଧିକାରୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ।

ବିଦ୍ୟୁତ ସଜ୍ଜୀକରଣ ଗଛ ଜୀବନକୁ ବିପର୍ଯ୍ୟସ୍ତ କରୁଛି । କିଛି ସମୟ ପାଇଁ ଗଛ ବିଦ୍ୟୁତ୍ ଆଲୋକ ସହ୍ୟ କରିପାରେ । କିନ୍ତୁ ଅଧିକ ବିଦ୍ୟୁତ ଆଲୋକ ପଡ଼ିଲେ ଗଛ ଧୀରେ ଧୀରେ ମରିବା ଆରମ୍ଭ କରିବ । କେତେକ ରାଜ୍ୟରେ ଗଛରେ ବିଦ୍ୟୁତ ଆଲୋକ ଲଗାଇବାକୁ ନେଇ ଅଦାଲତରେ ମାମଲା ମଧ୍ୟ ଦାଏର ହୋଇଛି । ଆଦିତ୍ୟ ପ୍ରସାଦ ବନାମ ଭାରତ ସରକାର ମାମଲାରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଏକ ଆଦେଶରେ ଗଛ ଆଲୋକୀକରଣ ଓ ବିଦ୍ୟୁତ ତାର ଇତ୍ୟାଦିର ବ୍ୟବହାରକୁ କଡ଼ା ସମାଲୋଚନା କରି ଏହାକୁ ପ୍ରତ୍ୟାହାର କରିବାକୁ କୁହାଯାଇଥିଲା । ଏହା ପରିବେଶ ନୀତିନିୟମ ଉଲ୍ଲଂଘନ ହୋଇଥିଲେ ହେଁ ଆମ ରାଜ୍ୟରେ କାହାର ଏ ଦିଗ ପ୍ରତି ନିଗା ନାହିଁ । ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନୀରୋଧ ଆନ୍ଦୋଳନ ପକ୍ଷରୁ ଯେତେ ସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ ସବୁବେଳେ ପ୍ରକୃତି ଓ ପରିବେଶକୁ ଭଲ ପାଇବାର ମହାନ ଶିକ୍ଷା ପ୍ରଦାନ କରାଯାଏ । ବଗିଚାର ପୁଷ୍ପ ଗୁଡ଼ିକ ଯେପରି ସ୍ୱଚ୍ଛନ୍ଦରେ ଆନନ୍ଦମୟ ଭାବେ ହସିବୁଲି ଖେଳିଲା ପରି ସେମାନେ ଜୀବନ ନିର୍ବାହ କରିବେ ସେଥିପାଇଁ ବଗିଚାରୁ ଫୁଲ ଛିଣ୍ଡା ଯାଇନଥାଏ । ଏ ସୃଷ୍ଟିରେ ଫୁଲର ଆବିର୍ଭାବ ତା ଜୀବନକୁ ନେଇ ଆନନ୍ଦପୂର୍ଣ୍ଣ ଭାବେ ପ୍ରକୃତିର ଶୋଭା ବଢ଼ାଇବା । ଏହି ପରିପ୍ରେକ୍ଷୀରେ ଗଛ ମାନଙ୍କରେ ଉଜ୍ଜ୍ୱଳ ଆଲୋକସଜ୍ଜା ନିଶ୍ଚିନ୍ତ ଭାବେ ପରିବେଶ ପ୍ରଦୂଷଣର ଅନ୍ୟତମ କାରଣ । ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ।






ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ଦୂରଭାଷ : ୯୯୩୭୧୭୨୮୧୦



ସ୍ୱାସ୍ଥ୍ୟ ସ୍ୱତନ୍ତ୍ର



କୃତ୍ରିମ ବୁଦ୍ଧିମତ୍ତା ଓ ବ୍ରେନ ଫ୍ରାଏ





ମନସୀଜ ବାବୁ ଏକ ବହୁରାଷ୍ଟ୍ରୀୟ କମ୍ପାନୀର ପଦସ୍ଥ କର୍ମକର୍ତ୍ତା ଭାବେ ପ୍ରତିଷ୍ଠିତ । ସେ ମୋର ଦୀର୍ଘ ଦିନର ବନ୍ଧୁ । ତେବେ କିଛି ଦିନ ହେଲାଣି ତାଙ୍କଠାରୁ କୌଣସି ଖବର ଅନ୍ତର, ଫୋନ, ମେସେଜ କଲିଂ ନ ପାଉଥିବାରୁ ସ୍ୱାଭାବିକ ଭାବେ ମୋ ମନ ଆନ୍ଦୋଳିତ ହେଉଥିଲା । ତେବେ ଗତ ସପ୍ତାହରେ ତାଙ୍କ ସହାୟକଙ୍କ ଠାରୁ ଯେଉଁ ଖବରଟି ପାଇଲି ତାହା ମୋତେ ଅତ୍ୟନ୍ତ ବ୍ୟଥିତ କରିଥିଲା । ତାଙ୍କ ବ୍ୟକ୍ତିଗତ ସହାୟକ ସମରଜୀଙ୍କ କହିବା ମୁତାବକ ମନସୀଜ ବାବୁ ଏବେ ଏପରି ଅସ୍ତବ୍ୟସ୍ତ ଭରା ସମୟ ଅତିକ୍ରାନ୍ତ କରୁଛନ୍ତି ଯେ ନାଁ ଭଲରେ ଶୋଇ ପାରୁଛନ୍ତି, ନାଁ ଖାଦ୍ୟ ଗ୍ରହଣ କରିପାରୁଛନ୍ତି, ନାଁ ସଠିକ ନିର୍ଣ୍ଣୟ ନେଇପାରୁଛନ୍ତି । ତାଙ୍କ ଠାରୁ ସବୁ ଶୁଣିବା ପରେ ମନସୀଜ ବାବୁଙ୍କ ସହଧର୍ମିଣୀ ନିତୁ ମ୍ୟାଡ଼ାମଙ୍କ ସହ କଥା ହୋଇ ତାଙ୍କୁ ଆଶ୍ୱସ୍ତି ଦେଲି ଯେ ବାସ୍ତବିକ ମନସୀଜ ବାବୁ ବ୍ରେନ ଫ୍ରାଏର ଶିକାର ହୋଇଛନ୍ତି । ଆର୍ଟିଫିସିଆଏ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହା ହେଉଛି ଏଭଳି ଏକ ଟେକ୍ନୋଲୋଜି ଯାହା ମେସିନ ଓ କମ୍ପ୍ୟୁଟର ସହଯୋଗରେ ମଣିଷ ଭଳି ଭାବିବା, ବୁଝିବା, ନିର୍ମାଣ କରିବାର କ୍ଷମତା ରହିଛି । ଏହାକୁ ସଂକ୍ଷେପ ଓ ସରଳରେ ଏଆଇ କୁହାଯାଉଛି । ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତ୍ତା ସମାଜର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନର ମାଧ୍ୟମ ହୋଇଛି । ଏକ ଗବେଷଣାର ତଥ୍ୟ ଯାହା ସୂଚୀତ କରିଛି ଯେ ପାଖାପାଖି ନଅଶହରୁ ଊର୍ଦ୍ଧ୍ୱଟି ବିଭିନ୍ନ ପେଷା ସହିତ ଜଡ଼ିତ ଉଣେଇଶ ହଜାରର କାର୍ଯ୍ୟ ଏଆଇ ଦ୍ୱାରା ପ୍ରଭାବିତ । ମାନବୀୟ ବୁଦ୍ଧିର ଅନୁକରଣ ପ୍ରଣାଳୀ ଏହି ଏଆଇ ଏପରି ଏକ ବ୍ୟବସ୍ଥା ଯାହା ମଣିଷ ପରି ଭାବିପାରେ, ଶିଖିପାରେ, ତଥ୍ୟ ବିଶ୍ଳେଷଣ କରିପାରେ ଓ ନିଷ୍ପତ୍ତି ମଧ୍ୟ ନେଇପାରେ । କୃତ୍ରିମ ବୁଦ୍ଧିମତ୍ତା ହେଉଛି ଏକ ପ୍ରଯୁକ୍ତି ଯାହା ମେସିନ ଗୁଡ଼ିକକୁ ମାନବୀୟ ବୁଦ୍ଧି, ଚିନ୍ତନ ଓ ଶିକ୍ଷା ଦେଇଥାଏ ।

ହଁ, ମୁଁ ଆଲୋଚନା କରୁଥିବା ବ୍ରେନ ଫ୍ରାଏ ସମ୍ବନ୍ଧରେ ଆପଣ ମାନଙ୍କୁ ଟିକିଏ ବୁଝାଇ କହୁଛି । ବାସ୍ତବରେ ଏଆଇ ବ୍ରେନ ଫ୍ରାଏ କ'ଣ ? ସରଳ ଭାବରେ କହିବାକୁ ଗଲେ ଏଆଇ ଟୁଲର ଅତ୍ୟଧିକ ବ୍ୟବହାର କିମ୍ବା ସେଗୁଡ଼ିକୁ ଲଗାତର ମନିଟର କରିବା ଫଳରେ ମସ୍ତିଷ୍କ ଉପରେ ପଡୁଥିବା ମାନସିକ ଦୁର୍ବଳତା । ଯେତେବେଳେ ଜଣେ ବ୍ୟକ୍ତି ଏକା ସମୟରେ ଏକାଧିକ ଏଆଇ ସିଷ୍ଟମ ପରିଚାଳନା କରେ ସେତେବେଳେ ମସ୍ତିଷ୍କ ଉପରେ ଅତିରିକ୍ତ ଭାର ପଡ଼େ ଆଉ ଏହା ହିଁ 'ଏଆଇ ବ୍ରେନ ଫ୍ରାଏ' । ବିଶ୍ୱ ପ୍ରସିଦ୍ଧ ସ୍ୱାସ୍ଥ୍ୟ ଭିତ୍ତିକ ଗବେଷଣା ପତ୍ରିକା 'ଲାନସେଟ୍' ଯେଉଁ ତଥ୍ୟ ଉଲ୍ଲେଖ କରିଛି ସେଥିରେ ପରିସଂଖ୍ୟାନର ତଥ୍ୟ କହୁଛି ପ୍ରାୟ ୧୪ ପ୍ରତିଶତ ଏଆଇ ସହିତ ଜଡ଼ିତ ଲୋକେ ମତ ରଖୁଛନ୍ତି କି ଯେ, ସେମାନେ କାମ ସମୟରେ ଏପରି ମାନସିକ ଥକ୍କାପଣ ଅନୁଭବ କରିଛନ୍ତି କିଛି ଲୋକ କାମ କରିବା ସମୟରେ ସେମାନଙ୍କୁ ଅଲଗା ଧରଣର 'ବଜି' କିମ୍ବା 'ମେଣ୍ଟାଲ ଫଗ୍' ଅନୁଭବ ହୁଏ । ଯାହାର ଅର୍ଥ ହେଉଛି ସେମାନଙ୍କୁ କାମରେ ଧ୍ୟାନ କେନ୍ଦ୍ରୀତ କରିବା କଷ୍ଟକର ହୁଏ, ନିଷ୍ପତ୍ତି ନେବାରେ ଢ଼େର ସମୟ ଲାଗିଥାଏ ଏବଂ ଅନେକ ସମୟରେ ଏହା ମୁଣ୍ଡ ବ୍ୟଥାର କାରଣ ହୋଇଥାଏ । ଯାହାର ପରିଣତି ସ୍ୱରୂପ ଲୋକମାନେ ଚିଡ଼ଚିଡ଼ାପଣ, ମାନସିକ ଅବସାଦ, ନିଦ୍ରାହୀନତାକୁ ସମ୍ମୁଖୀନ କରିଥାନ୍ତି ।

ଏଆଇ ଏବେ ଆଇଟି ସେକ୍ଟର ଠାରୁ ଆକାଉଣ୍ଟିଂ, ମାର୍କେଟିଂ ଠାରୁ କମ୍ପାନୀ ମ୍ୟାନେଜମେଣ୍ଟ ଅନେକ କ୍ଷେତ୍ରରେ ସାଧାରଣ କାମରେ ସବୁଠି ଏଆଇ ଟୁଲ୍‌ର ବ୍ୟବହାର ବଢୁଛି । ଏଆଇ ଟୁଲ୍ ବ୍ୟାପକ ବ୍ୟବହାର କରିବା ପଛରେ ଅସଲ କାରଣଟି ହେଉଛି କାମ ଗୁଡ଼ିକ ସହଜ, ସରଳ ଓ ତ୍ୱରିତ ଢଙ୍ଗରେ ବିଭିନ୍ନ କମ୍ପାନୀ ନିର୍ଦ୍ଦିଷ୍ଟ ସମୟ ଭିତରେ ନିର୍ବାହ କରିପାରୁଛନ୍ତି । ଏହି କାରଣରୁ କ୍ଲୋଡ୍, ଓପନ ଏଆଇ, ଚାଟଜିପିଟି, ଜେମିନାଇ ପରି ହଜାର ହଜାର ଏଆଇ ଆପ୍ ପ୍ରସ୍ତୁତ ହେଉଛି । ଏହି ଟୁଲ୍ ଗୁଡ଼ିକ କାମକୁ ତ୍ୱରିତ ଓ ନିର୍ଦ୍ଦିଷ୍ଟ ସମୟରେ ଶେଷ କରୁଥିଲେ ମଧ୍ୟ ଦୀର୍ଘ ସମୟ ଧରି ଏହାର ବ୍ୟବହାରିତା ମସ୍ତିଷ୍କ ଉପରେ ନକରାତ୍ମକ ପ୍ରଭାବ ପକାଉଛି । ଆମେ ଏହି ଆଲେଖ୍ୟ ପ୍ରସ୍ତୁତ କଲାବେଳେ ପୃଥିବୀର ଖ୍ୟାତନାମା ପରିସଂଖ୍ୟାନ ଫର୍ମ୍ମା 'ହବାର୍ଡ଼ ବିଜିନେସ ରିଭ୍ୟୁ'ର ଏକ ତଥ୍ୟ ଉପରେ ଦୃଷ୍ଟି ପକାଇଥିଲୁ । ସେଥିରେ ଏହି ରିଭ୍ୟୁର ରିପୋର୍ଟ ସୂଚୀତ କରିଛି ଯେ ଆମେରିକାର ପାଖାପାଖି ଦୁଇ ହଜାର କର୍ମଚାରୀଙ୍କ ସହ ସେମାନେ ନିରନ୍ତର ସମ୍ପର୍କ ରକ୍ଷା କରି ସେମାନଙ୍କର ଏଆଇ ଟୁଲ୍ ବ୍ୟବହାର ଓ ଏହାର ପ୍ରଭାବ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ସେମାନଙ୍କ ଉତ୍ତର ଥିଲା ଏଆଇ ଟୁଲ୍‌କୁ ଲଗାତାର ମନିଟର କରିବା, ସଠିକ ନିର୍ଦ୍ଦେଶ ଦେବା ଓ ଫଳାଫଳ ଯାଞ୍ଚ କରିବା ପ୍ରକ୍ରିୟାରେ ମସ୍ତିଷ୍କ ଉପରେ ଅତ୍ୟଧିକ ଚାପ ଓ ଅସନ୍ତୁଳନତା ପ୍ରଭାବିତ କରୁଛି । କେବଳ ସେତିକି ନୁହେଁ ସେମାନେ ଏକ ପ୍ରକାର ମାନସିକ ଦୁର୍ବଳତା ଅନୁଭବ କରୁଛନ୍ତି ।

କୃତ୍ରିମ ବୁଦ୍ଧିମତ୍ତାର ନକରାତ୍ମକ ଦିଗ ମଧ୍ୟ ଅନେକ ରହିଛି । ହ୍ୟାକର ଓ ସାଇବର ଅପରାଧୀମାନେ ବିଶେଷକରି ଡିଫେକ୍ଟ ଟେକ୍ନୋଲୋଜି ଉପଯୋଗ କରି ଆର୍ଥିକ ଠକେଇ କରିବା ଠାରୁ ପ୍ରସିଦ୍ଧ ବ୍ୟକ୍ତିଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରୁଛନ୍ତି । ଭୁଲ ରାଜନୈତିକ ତଥ୍ୟ ପ୍ରସାରଣ କରି ସମାଜରେ ଏକ ଦ୍ୱନ୍ଦାତ୍ମକ ପରିବେଶ ସୃଷ୍ଟି କରୁଛନ୍ତି । ସେହିପରି ଏଆଇର ବହୁଳ ବ୍ୟବହାର ମଣିଷର ଗୋପନୀୟତା ପ୍ରତି ମଧ୍ୟ ବିପଦ । ଯାହାଦ୍ୱାରା ଡାଟା ସୁରକ୍ଷା ଓ ଗୋପନୀୟତା ମଧ୍ୟ ଦୁରୁପଯୋଗର ଶିକାର ହେଉଛି । ସେହିପରି ଏଆଇ ଯୁକ୍ତ ମେସିନ ବା ପ୍ରଣାଳୀ ପ୍ରଚଳନ ଦ୍ୱାରା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବେରୋଜଗାରୀ ସମସ୍ୟା ସୃଷ୍ଟି କରୁଛି ଯାହାର ଫଳସ୍ୱରୂପ ଅନେକ କମ୍ପାନୀ କର୍ମଚାରୀଙ୍କୁ ଛଟେଇ କରୁଛନ୍ତି । ଯେତେବେଳେ ଜୀବନ ସୁରକ୍ଷା, ଜନ୍ମ ମୃତ୍ୟୁ, ସାମାଜିକ ସମ୍ବନ୍ଧ ଆଦି ମାନବୀୟ ହସ୍ତକ୍ଷେପ ଉପରେ କୃତିମ ବୁଦ୍ଧିମତ୍ତା ଜରିଆରେ ମେସିନ ନିଷ୍ପତ୍ତି ନେବ ସେତେବେଳେ ସବୁଠାରୁ ବଡ଼ ବିପଦ ସୃଷ୍ଟି ହେବା ନିଶ୍ଚିନ୍ତ । ଏଆଇ ସହିତ ସମ୍ବନ୍ଧିତ ବିଶେଷକରି ମାର୍କେଟିଂ କ୍ଷେତ୍ର ଗଭୀର ଭାବେ ପ୍ରଭାବିତ ହେଉଛି । ମାନବ ସମ୍ବଳ କ୍ଷେତ୍ରରେ ଅନେକ ଲୋକ ହାଲିଆ ଅନୁଭବ କରୁଛନ୍ତି । ଅପରେସନ ସମ୍ବନ୍ଧୀୟ କର୍ମଚାରୀ ମାନଙ୍କ ମଧ୍ୟରେ ଏହା ପ୍ରାୟ ୨୦ ପ୍ରତିଶତରୁ ଊର୍ଦ୍ଧ୍ୱ ।

ଏଆଇ ଟୁଲ୍ ଗୁଡ଼ିକୁ ଅଧିକ ମନିଟର କରିବା ଦ୍ୱାରା ଯେ କେହି ବି ଅତ୍ୟଧିକ ମାନସିକ ଚାପକୁ ସମ୍ମୁଖୀନ ହେଉଛନ୍ତି ଏହି ମାନସିକ ଥକ୍କାପଣ ପରବର୍ତ୍ତୀ ସମୟରେ ଜଣକୁ ଅନେକ ମାନସିକ ଯନ୍ତ୍ରଣା ଓ ରୋଗର ଦୀର୍ଘକାଳୀନ ପ୍ରଭାବର କାରକ ପାଲଟିଥାଏ । ସରଳ ଭାବରେ କହିଲେ ଏଆଇ ଟୁଲ୍ ପରିଚାଳନା କରିବା ମଧ୍ୟ ମସ୍ତିଷ୍କ ପାଇଁ ଏକ ଚ୍ୟାଲେଞ୍ଜ । କୃତ୍ରିମ ବୁଦ୍ଧିମତ୍ତା ବର୍ତ୍ତମାନ ସମୟରେ ଅନେକ କାମକୁ ସହଜ, ସରଳ ଓ ସ୍ୱଳ୍ପ ସମୟ ଭିତରେ ନିର୍ବାହ କରିପାରୁଛି କିନ୍ତୁ ଏହାର ମାତ୍ରାଧିକ ବ୍ୟବହାର ମାନସିକ ସ୍ୱାସ୍ଥ୍ୟ ପାଇଁ ଚିନ୍ତାର କାରଣ ହେଉଛି । ସେହିପରି ସଚେତନ ଭାବରେ ଓ ସୀମା ଭିତରେ ଏଆଇ ଟୁଲ୍ ଗୁଡ଼ିକୁ ବ୍ୟବହାର କରିବା ଆବଶ୍ୟକ । ପ୍ରଯୁକ୍ତି ବିଦ୍ୟା ଆନ୍ଦୋଳନର ସମୃଦ୍ଧି ଓ ବିକାଶରେ ଏଆଇ ଏକ ବହୁତ ବଡ଼ କ୍ଷେତ୍ର ସୃଷ୍ଟି କରୁଛି କିନ୍ତୁ ଏହା ସୁନିଶ୍ଚିନ୍ତ କରିବା ଆବଶ୍ୟକ ଯେ ପ୍ରଯୁକ୍ତି ବିଦ୍ୟାର ସଠିକ ଦିଗଦର୍ଶନ, ପ୍ରୟୋଗ ଓ ବ୍ୟବହାର କରିବା ଆବଶ୍ୟକ । ଏଆଇର ନକାରାତ୍ମକ ପ୍ରଭାବରୁ ସୁରକ୍ଷିତ ରହିବା ପାଇଁ ସତର୍କତା ଓ ସଚେତନ ହେବାର ସମୟ ଆସିଛି । କଥାରେ ଅଛି ପ୍ରତ୍ୟେକ ମୁଦ୍ରାର ଦୁଇଟି ପାର୍ଶ୍ୱ ରହିଛି ତେଣୁ ଏଆଇର ସକାରାତ୍ମକ ଓ ନକାରାତ୍ମକ ଦିଗ ମଧ୍ୟ ରହିଛି । ତେଣୁ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଜଣେ ଏଆଇ ଟୁଲ୍ ହେଉ ବା ଏଆଇର ଯେ କୌଣସି ବ୍ୟବସ୍ଥାକୁ ବ୍ୟବହାର କରିବା ପୂର୍ବରୁ ନିଜକୁ ମାନସିକ ଭାବେ ସୁସ୍ଥ ଓ ଏନେଇ ପ୍ରସ୍ତୁତି ରଖନ୍ତୁ । ଆମ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଦେଖିଲେ ଏଆଇର ପ୍ରୟୋଗ ଯେକୌଣସି ରୋଗର ପୂର୍ବାନୁମାନ, ଚିକିତ୍ସା ବ୍ୟବସ୍ଥାରେ ସହାୟତା ପ୍ରଦାନ, ନୂତନ ଔଷଧ ଆବିଷ୍କାର ଓ ରୋଗୀ ସେବା ପ୍ରବଧନରେ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଚିକିତ୍ସକମାନେ ଏହାକୁ ସହାୟକ ଭାବେ ରୋଗ ନିର୍ଣ୍ଣୟ ଓ ନିଦାନ କ୍ଷେତ୍ରରେ ବ୍ୟବହାର କରୁଛନ୍ତି । କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଫଳରେ ଏପରି କିଛି ଜୀବାଣୁ ନାଶକ ପଦାର୍ଥ ବିକାଶ କରାଯାଇ ପାରିଛି ଯାହା ପୂର୍ବରୁ ଦୁଇଟି ଡ୍ରଗ ପ୍ରତିରୋଧକ ବ୍ୟାକ୍ଟେରିଆ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ ହୋଇପାରୁଛି । ତେବେ କୃତ୍ରିମ ବୁଦ୍ଧିମତ୍ତାର ଉପଯୁକ୍ତ ପରିଚାଳନା ଓ ନିୟନ୍ତ୍ରଣ ଦ୍ୱାରା ଏହା ଆମର ଶ୍ରେଷ୍ଠ ବନ୍ଧୁ ରୂପେ ସାବ୍ୟସ୍ତ ହୋଇ ମାନବ ସଭ୍ୟତାର ଅଶେଷ କଲ୍ୟାଣ ସାଧନ କରିପାରିବ କିନ୍ତୁ ଏଆଇର ବ୍ୟାପକତା ଓ ଅନିୟନ୍ତ୍ରିତ ବ୍ୟବହାରିତା ସହ ନିଜର ଦୈନନ୍ଦିନ ଦିନଚର୍ଯ୍ୟାର ସାମାନ୍ୟତମ ଏପଟ ସେପଟ ହୋଇଗଲେ ବ୍ରେନଫ୍ରାଏ, ମେଣ୍ଟାଲ ଫଗ୍ ପରି ମାନସିକ ଅସୁସ୍ଥତା ଆମକୁ ଆକ୍ରାନ୍ତ କରିବ ଯାହାର ପ୍ରଭାବ ଦୀର୍ଘକାଳୀନ ଭାବେ ରହି ଜଣଙ୍କ ମାନସିକ ସନ୍ତୁଳନତାକୁ ଦୀର୍ଘକାଳୀନ ପାଇଁ ବିଗାଡ଼ି ଦେଇପାରେ । ଏ କ୍ଷେତ୍ରରେ ନିଜେ ନିଜ କର୍ମ ସଂସ୍ଥାନର ଗୁରୁ ଦାୟିତ୍ୱ, ଏହା ସହିତ ଉପଯୁକ୍ତ ଦିନଚର୍ଯ୍ୟାର ସ୍ୱାସ୍ଥ୍ୟ ଭିତ୍ତିକ ରୁଟିନ ଦ୍ୱାରା ଆପଣ ଏଥିରୁ ମୁକ୍ତ ହୋଇପାରିବେ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

ନିବେଦନ

ସାହିତ୍ୟିକ ଚନ୍ଦ୍ରଶେଖର ରଥ



ମା ଶାରଳେ ! ଦେବୀ ଉତ୍କଳ ଭାରତୀ । ଝଙ୍କଡ଼ ବନବାସିନୀ । ବାଣୀ । ବାଗୀଶ୍ୱରୀ ।ଚୈତନ୍ୟମୟୀ । କରୁଣାମୟୀ । ପ୍ରସନ୍ନା ହୁଅ ମା । ଏ ଜାତିର ଜଡନିଦ୍ରା ଭଙ୍ଗ କର । ହେ ବିକଚ ପଦ୍ମାସନା ! ପଦ୍ମ ପଲାଶନେତ୍ରା ! ଶୁଭେ !

ଶୁଭ୍ରେ ! ତାର ମୁଦ୍ରିତ ହୃତ୍ କମଳକୁ ଉନ୍ମୋଚିତ କର; ବିକଶିତ କର ! ଚକ୍ଷୁ ଯୁଗଳରୁ ମୋହାଞ୍ଜନ ପୋଛିଦିଅ ମାତଃ, ତାକୁ ଦୃଷ୍ଟି ଦିଅ । କୋମଳ କରସ୍ପର୍ଶରେ ତା'ର ଆତ୍ମା ପୁରୁଷ ଜାଗ୍ରତ ହୁଅନ୍ତୁ । ବୀଣାର ମଧୁର ଝଙ୍କାରରେ ତା'ର ମନ ମନ୍ଦିର ଝଙ୍କୃତ ହେଉ, ଶୁଭ ଶଙ୍ଖ ନିନାଦିତ ହେଉ ତା'ର ପ୍ରାଣରେ, ଅଙ୍ଗ ସକଳ ଜାଗ୍ରତ ହୁଅନ୍ତୁ, ସ୍ପନ୍ଦିତ ହୁଅନ୍ତୁ !



ହେ ଶୁଭଙ୍କରୀ ! ଶ୍ୱେତାମ୍ବରୀ ! ତୁଷାରହାର ଧବଳେ ! ଏ ଜାତିର କାବ୍ୟପୁରୁଷଙ୍କୁ ଜାଗ୍ରତ କର । ସେ ସଚେତନ ହୁଅନ୍ତୁ । ଭୂୟୋଦର୍ଶୀ ହୁଅନ୍ତୁ । ଆବିଷ୍କାର କରନ୍ତୁ ନିଜକୁ, ଦେଶକୁ, କାଳକୁ, ଅବିଚଳିତ ସତ୍ୟକୁ । ପୁଣ୍ୟ ଭୂମି ଉତ୍କଳର ନଦୀ ଗିରି ବନ ପ୍ରାନ୍ତର ତାଙ୍କର ଶ୍ରଦ୍ଧା ଲାଭ କରୁ, ପଶୁପକ୍ଷୀ, ସ୍ଥାବର ଜଙ୍ଗମ ତାଙ୍କର ମନୋହରଣ କରନ୍ତୁ । ନରନାରୀମାନଙ୍କ ରୂପ ରଙ୍ଗ ବଚନ, ସୁଖ ଦୁଃଖ ପ୍ରଣୟ ବିରହ ତାଙ୍କୁ ସମ୍ବେଦନଶୀଳ କରୁ ! ସେ ଶ୍ରଦ୍ଧାମୟ, ସମ୍ବେଦନାମୟ, ପ୍ରକାଶମୟ ହୁଅନ୍ତୁ । ବାଙ୍ମୟ ହୁଅନ୍ତୁ, ମନ୍ତ୍ରମୟ, ସତ୍ୟମୟ ହୁଅନ୍ତୁ କାବ୍ୟ ପୁରୁଷ । ତାହାଙ୍କ ଚେତନାରେ ଋଷିକଣ୍ଠର ବେଦ ଧ୍ୱନିତ ହୁଅନ୍ତୁ । ବ୍ୟାସ ବାଲ୍ମିକୀ ପ୍ରତିଷ୍ଠିତ ହୁଅନ୍ତୁ ଭାଷା ଭାବ ଓ ଛନ୍ଦରେ । ହେ ସିଦ୍ଧେଶ୍ୱରୀ ଜନନୀ, ସିଦ୍ଧି ପ୍ରଦାନ କର ! ସାରଳା ଜଗନ୍ନାଥ ଉପେନ୍ଦ୍ରଙ୍କ ଭାଷା ଲତିକା ନୂତନ ପୁଷ୍ପ ସମ୍ଭାରରେ ବିମଣ୍ଡିତ ହେଉ । ପ୍ରାଚୀନ ଯୋଗ୍ୟ ହେଉ ଏ ଦେଶର କବି ! ଧନ୍ୟ ହେଉ ଏ ଦେଶ ! ଧନ୍ୟ ହୁଅନ୍ତୁ ଦେଶବାସୀ !

ହେ ସର୍ବମଙ୍ଗଳ ମାଙ୍ଗଲ୍ୟେ । ଶିବେ ! ସର୍ବାର୍ଥ ସାଧିକେ ! ଜ୍ଞାନାଗ୍ନି ରୂପିଣୀ ! ଦଗ୍ଧିଭୂତ କର ଏ ଦେଶର ସହସ୍ର ଭାର କଳୁଷକୁ । କାର୍ପଣ୍ୟରୁ, ମାଳିନ୍ୟରୁ, ଅମିତ୍ରପଣ, ଈର୍ଷା ଦ୍ୱେଷ ଅସୂୟାରୁ ମୁକ୍ତ କର ଆମର ଚେତନା । ହେ ଶକ୍ତି ରୂପିଣୀ, ସତ୍ୟରୂପା, କୋଟି ସୂର୍ଯ୍ୟସମ ପ୍ରଭେ । ଆମକୁ ତ୍ରିବିଧ ମୁଢ଼ତା, ତ୍ରିବିଧ ଦାରିଦ୍ର୍ୟରୁ ରକ୍ଷାକର ଜନନୀ ! ଆମକୁ ଦୃଷ୍ଟି ଦିଅ, ହୃଦୟ ଦିଅ, ବିସ୍ତାର ଦିଅ । ଆମକୁ ନିର୍ଭୀକ କର । ସତ୍ୟସନ୍ଧ କର । ଜ୍ଞାନଦୀପରେ ଉଦ୍ଭାସୀତ କର ଆମ ମନୋଭୂମି । ପ୍ରାଣ ପ୍ଲାବିତ କର ପ୍ରେମ ମୈତ୍ରୀ ଆତ୍ମୀୟତାରେ । ଆମର ଚିନ୍ତା ପ୍ରାଞ୍ଜଳ, ଗଭୀର, ସୁସଂହତ ହେଉ । ବାକ୍ୟ ସତ୍ୟଦୀପିତ, ସତ୍ୟନିଷ୍ପନ୍ନ ହେଉ । ଲେଖନୀ ଦୃଢ଼ ନିଷ୍ପ୍ରଂ ହେଉ ।

ହେ ସାରସ୍ୱତ ବରାଭୟ ଦାତ୍ରୀ ! ସୁପ୍ରସନ୍ନା ହୁଅ । ବିଦୀର୍ଣ୍ଣ କର ଏ ଜଡତା । ଆକାଶ ମେଘମୁକ୍ତ ହେଉ, ସୂର୍ଯ୍ୟସ୍ନାତ ହେଉ । ଉତ୍କଳର କବି ଚିରକାଳ ତୋର ସନ୍ତାନ ଜନନୀ, ତାର କଣ୍ଠରେ ବିଜେ ହୁଅ । ଉଦ୍ଭାସିତ କର ତା'ର ସ୍ୱପ୍ନ ଜାଗୃତି ସୁଶୁପ୍ତିର ଭୂମି । ତାକୁ ଆୟୁ ଦାନ କର ମା, ବଳ ଦାନ କର, ଯଶ ଦାନ କର ! ତାକୁ ମାଧ୍ୟମ କର । ପ୍ରତିଷ୍ଠିତ ହେଉ, ପ୍ରକଟିତ ହେଉ ତୁମର ଆଖଣ୍ଡିତ ମହିମା । ବିଶ୍ୱ ବିଶ୍ରୁତ ହେଉ ଉତ୍କଳ ଭାରତୀ ।

(ବି.ଦ୍ର. ସାହିତ୍ୟିକ ପଦ୍ମଶ୍ରୀ ଚନ୍ଦ୍ରଶେଖର ରଥଙ୍କ ଏହି ରଚନାଟି ଯଦିଓ ୧୯୮୨ରେ ଲିଖିତ, ଆଜି ବି ନିବେଦନଟି ଉପଯୁକ୍ତ । ତାଙ୍କ ପୁରୁଣା ପାଣ୍ଡୁଲିପିରୁ ସଂଗ୍ରହ କରିଛନ୍ତି ଶଶିଭୂଷଣ ରଥ)

ବିଲୁପ୍ତପ୍ରାୟ ଆଦିବାସୀଙ୍କ ଔଷଧୀୟ ତେଲ

ଡକ୍ଟର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଓଡ଼ିଶାର ତମାମ ଆଦିବାସୀ ଜନ ଜୀବନ ବିଶେଷକରି ପଶ୍ଚିମ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ପିଢ଼ି ପରେ ପିଢ଼ି ଚାଲିଆସୁଥିବା ପାରମ୍ପରିକ ଔଷଧୀୟ ଜ୍ଞାନ ଏବେ ଏକ ପ୍ରକାର ବିଲୁପ୍ତିର ଦ୍ୱାରଦେଶରେ । ବିଶେଷକରି ବିଭିନ୍ନ ଗଛଲତା, ପଶୁ ଓ ସରୀସୃପରୁ ପ୍ରସ୍ତୁତ ହେଉଥିବା ଔଷଧୀୟ ତେଲର ବ୍ୟବହାର ଧୀରେ ଧୀରେ ହ୍ରାସ ପାଉଥିବାବେଳେ କେତେକ ତେଲ ପ୍ରସ୍ତୁତି ପାଇଁ ଦରକାର ପଡୁଥିବା କଞ୍ଚାମାଲ ଓ ବିଭିନ୍ନ ଆନୁସଙ୍ଗିକ ସାମଗ୍ରୀର ଯେଉଁ ଅଭାବ ଦେଖାଦେଇଛି ଏଥିପାଇଁ ଏହି ଚିକିତ୍ସା ବିଜ୍ଞାନ ସମ୍ପୂର୍ଣ୍ଣ ଲୋପ ପାଇବାକୁ ବସିଛି । ନିକଟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ବିକାଶ ଓ ଆଦିବାସୀ ଅଧ୍ୟୟନ ଗବେଷଣା ଉତ୍କର୍ଷ କେନ୍ଦ୍ର ପକ୍ଷରୁ ପଶ୍ଚିମ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଔଷଧୀୟ ତେଲ ସମ୍ପର୍କରେ ଏକ ଅଧ୍ୟୟନ ଓ ଗବେଷଣାର ସନ୍ଦର୍ଭ ପ୍ରକାଶ ପାଇଛି । ସୁନ୍ଦରଗଡ଼ ଓ ଦେବଗଡ଼ ଜିଲ୍ଲାର ପାଉଡି ଭୂୟାଁ, ମୁଣ୍ଡା ଓ କିଶାନ ସମ୍ପ୍ରଦାୟ ମଧ୍ୟରେ ଏ ନେଇ ଅଧ୍ୟୟନ କରାଯାଇଛି ।

ଏହି ଆଦିବାସୀ ସମ୍ପ୍ରଦାୟ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଏବେ ବି ପାରମ୍ପରିକ ଚିକିତ୍ସା ଉପରେ ନିର୍ଭରଶୀଳ । ସ୍ଥାନୀୟ ବୈଦ୍ୟ ଚିକିତ୍ସକମାନେ ଏହି ତେଲକୁ ବିଭିନ୍ନ ରୋଗର ଚିକିତ୍ସାରେ ବ୍ୟବହାର କରିଥାନ୍ତି । ଉଦ୍ଭିଦ ଆଧାରିତ ତେଲ ମଧ୍ୟରେ ଭାଲିଆ ତେଲ, ପିଙ୍ଗ ତେଲ, ଜଟାଙ୍ଗୀ ତେଲ, ଟୋଲ ତେଲ, ଜଡ଼ା ତେଲ, କୁସୁମ ତେଲ, କରଞ୍ଜ ତେଲ, ନିମ୍ବ ତେଲ ଓ ଜଙ୍ଗଲୀ ସୋରିଷ ତେଲ ରହିଛି । ସେହିପରି ପଶୁ ଓ ସରୀସୃପ ଆଧାରିତ ତେଲ ମଧ୍ୟରେ ରଣାସାପ ତେଲ, ଭାଲୁ ତେଲ, ଜଙ୍ଗଲୀ କୁକୁଡ଼ା ତେଲ, ଘୁଷୁରୀ ତେଲ, ଝିଙ୍କ ତେଲ ଓ ଛେଳି ତେଲ ଆଦି ରହିଛି । ଗବେଷଣାର ତଥ୍ୟରେ ଉଲ୍ଲେଖ ରହିଛି ଯେ ପାରମ୍ପରିକ ଭାବେ ଏହି ତେଲ ଗୁଡ଼ିକ ପେଟ, ଚର୍ମ, କାଶ, କେଶ ଝଡ଼ିବା, ଯକ୍ଷ୍ମା, କର୍କଟ, ମିରିଗି, କୋଷ୍ଠକାଠିନ୍ୟ, ପକ୍ଷାଘାତ, ଆର୍ଥ୍ରାଇଟିସ୍, ରକ୍ତହୀନତା, ପ୍ରସବ ପରବର୍ତ୍ତୀ ସ୍ତନ୍ୟପାନ ସମ୍ପର୍କିତ ସମସ୍ୟା, ଚର୍ମରୋଗ, ପୋଡ଼ା ଘାଆ, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ଫଙ୍ଗଲ ସଂକ୍ରମଣ, ମ୍ୟାଲେରିଆ, ସାପ କାମୁଡ଼ା, ଦାନ୍ତ ଯନ୍ତ୍ରଣା, ଜଣ୍ଡିସ୍, ଏକଜିମା ଓ ଶିଶୁଙ୍କ



କୃମି ଆଦି ସମସ୍ୟାରେ ବ୍ୟବହାର କରାଯାଏ । ଗବେଷଣାର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି କେତେକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ତେଲ ଏବେ ବିଲୁପ୍ତିର ଦ୍ୱାରଦେଶରେ ।

ସେହିପରି ରାମଜଡ଼ା, ଶିଶୁତେଲ, ବେଣ୍ଡୋ ତେଲ, ସାରଗି ତେଲ ଓ ଗୋଧି ତେଲ ଭଳି ତେଲର ଆବଶ୍ୟକ କଞ୍ଚାମାଲ ପ୍ରାକୃତିକ ପରିବେଶରେ ଆଉ ସହଜରେ ମିଳୁନାହିଁ । କମ୍ ବର୍ଷା, ତାପମାତ୍ରା ବୃଦ୍ଧି ଓ ଦୀର୍ଘ ଗ୍ରୀଷ୍ମଋତୁ ଯୋଗୁଁ ଅନେକ ଉଦ୍ଭିଦ ଓ ଜୀବଯନ୍ତୁ ପ୍ରଜାତି ବିଲୁପ୍ତ ହେଉଥିବା କିମ୍ବା ବିଲୁପ୍ତି ମୁହଁରେ ଥିବା ଅଧ୍ୟୟନରୁ ଜଣାପଡ଼ିଛି । ପାରମ୍ପରିକ ଔଷଧୀୟ ଜ୍ଞାନକୁ ନେଇ ସବୁଠାରୁ ବଡ଼ ଆହ୍ୱାନ ଓ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଏହି ପେଷା ପ୍ରତି ନୂଆ ପିଢ଼ିର ଆଗ୍ରହ ନାହିଁ । ଏହା ସହିତ ବଜାରରେ ମିଳୁଥିବା ଆଧୁନିକ ଔଷଧ ମଧ୍ୟ ଆଦିବାସୀ ଅଞ୍ଚଳକୁ ପ୍ରବେଶ କରିଥିବାରୁ ପାରମ୍ପରିକ ଚିକିତ୍ସା ପଦ୍ଧତିର ବ୍ୟବହାର କମିବାରେ ଲାଗିଛି । ଏହାବାଦ ଅନ୍ୟ ଏକ ଦିଗ ହେଉଛି ଏହି ଜ୍ଞାନ କୌଣସି ପୁସ୍ତକ ବା ଅଧ୍ୟୟନ ସାମଗ୍ରୀରେ ଉପଲବ୍ଧ ନାହିଁ । ଏହା ମୌଖିକ ଭାବେ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ହସ୍ତାନ୍ତର ହେଉଥିବାରୁ ଏହାର ଅନେକ ଅଂଶ ଲୋପ ପାଇବା ସହିତ ଭବିଷ୍ୟତରେ ଏହି ଜ୍ଞାନର ଗୁଣାତ୍ମକ ଓ ପରିମାଣତ୍ମକ ବିକୃତି ଘଟିବାର ଆଶଙ୍କା ରହିଛି । ପଶ୍ଚିମ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସ୍ଥାନୀୟ ଉଦ୍ଭିଦ ଓ ଜୀବଯନ୍ତୁର ଔଷଧୀୟ ବ୍ୟବହାର ସମ୍ପର୍କରେ ଥିବା ବିଶାଳ ପାରମ୍ପରିକ ଜ୍ଞାନ ଓଡ଼ିଶା ଜନଜାତି ବର୍ଗଙ୍କ ପାଇଁ ଅନ୍ୟତମ ଗୌରବ କହିଲେ ଅତ୍ୟୁକ୍ତି ହେବନାହିଁ । କେବଳ ଦସ୍ତାବିଜକରଣ ନୁହେଁ ଔଷଧୀୟ ଉଦ୍ଭିଦ ସଂରକ୍ଷଣ, ପାରମ୍ପରିକ ପଦ୍ଧତିର ଅଭ୍ୟାସ ଓ ଏହାସହ ଜଡ଼ିତ ଲୋକଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ତେବେ ହିଁ ପିଢ଼ି ପରେ ପିଢ଼ି ଚାଲି ଆସୁଥିବା ଏହି ଅମୂଲ୍ୟ ପାରମ୍ପରିକ ଜ୍ଞାନକୁ ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷିତ ରଖାଯାଇପାରିବ ।

'ବିଭବ' ଆଗାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ଦୂରଭାଷ : ୭୦୦୮୬୫୨୩୧୭
E-mail :
drbichitranandaacharya@gmail.com

ଏହି ସପ୍ତାହ, ସେହି ବର୍ଷ (ନଭେମ୍ବର ୧-୭)

ଏଇ ସପ୍ତାହ

୧ ନଭେମ୍ବର, ୧୯୫୬- କର୍ଣ୍ଣାଟକ ରାଜ୍ୟର ସ୍ଥାପନା ହୋଇଥିଲା ।



୨ ନଭେମ୍ବର, ୨୦୦୪- ଚୀନ୍‌ର ହେନାନ୍ ଠାରେ ଜାତୀୟ ସଂଘର୍ଷରେ ୨୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ ।



୩ ନଭେମ୍ବର, ୧୮୬୯-କାନାଡ଼ାର ହେମିଲ୍ଟନ ଫୁଟ୍‌ବଲ୍ କ୍ଲବ୍ ଅସ୍ତିତ୍ୱକୁ ଆସିଥିଲା ।




୪ ନଭେମ୍ବର, ୨୦୦୮-ବାରାକ୍ ଓବାମା ଆଫ୍ରିକା ମୂଳର ପ୍ରଥମ ରାଷ୍ଟ୍ରପତି ପଦ ପ୍ରାପ୍ତ କରିଥିଲେ ।



୫ ନଭେମ୍ବର, ୨୦୦୭-ଚୀନ୍‌ର ପ୍ରଥମ ଅନ୍ତରୀକ୍ଷ ଯାନ ଚେଞ୍ଜ-୧ ଚନ୍ଦ୍ରପୃଷ୍ଠରେ ପହଞ୍ଚିଥିଲା ।



୬ ନଭେମ୍ବର, ୧୯୪୯- ୟୁନାନ୍‌ରେ ଗୃହଯୁଦ୍ଧ ସମାପ୍ତ ହୋଇଥିଲା ।



୭ ନଭେମ୍ବର, ୨୦୦୮-କାଶ୍ମୀରର ପ୍ରସିଦ୍ଧ କବି ରେହମାନ ରାହୀଙ୍କୁ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇଥିଲା ।



ଶିଶୁ ମଙ୍ଗଳ ଓଡ଼ିଶା ଗଠନର ସଂକଳ୍ପ

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ପ୍ରତିଟି ଶିଶୁ ହେଉଛନ୍ତି ଆଗାମୀ ସମାଜ, ସମ୍ଭାବନା ଏ ଦେଶର ଗର୍ବ, ଗୌରବ ଓ ସମ୍ପତ୍ତି । ଆମେ ଚାହୁଁଥିବା ଏକ ସୁନ୍ଦର ସମାଜ ଭିତରେ ସେମାନଙ୍କ ପରିକଳ୍ପନା ଅତ୍ୟନ୍ତ ଅପରିହାର୍ଯ୍ୟ । ବର୍ତ୍ତମାନର ସମୟକୁ ଦେଖିଲେ ପ୍ରଗତିରେ ଓଡ଼ିଶା ଅଭିବୃଦ୍ଧି ସମ୍ପନ୍ନ । ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ପ୍ରଚେଷ୍ଟା ପାଇଁ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ଶିଳ୍ପ, ବିକାଶ, କୃଷି ଉତ୍ପାଦନ, କ୍ରୀଡ଼ାର ପ୍ରୋତ୍ସାହନ, ପର୍ଯ୍ୟଟନ, ସାଂସ୍କୃତିକ ପରିଦୃଶ୍ୟର ବିସ୍ତାର ଇତ୍ୟାଦି ଅନେକ କ୍ଷେତ୍ରରେ ସୁଦୂରପ୍ରସାରୀ ହୋଇପାରିଛି । ତଥାପି ଏହି ବିକାଶ କେତେ ଦୂର ଶିଶୁ ଅନୁକୂଳ ବା ଶିଶୁକୈନ୍ଦ୍ରିକ ହୋଇପାରିଛି ? ଏହା ହେଉଛି ଆଜିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରଶ୍ନ, ଯାହା ଆମେ ବିବେକକୁ ପଚାରିବା ଉଚିତ ।

ଏକ ବିକଶିତ ରାଷ୍ଟ୍ରର ସ୍ୱପ୍ନକୁ ସାକାର କରିବା ପାଇଁ ଶିଶୁ ଓ କିଶୋର ମାନଙ୍କ ବିକାଶ ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଶିଶୁମାନଙ୍କ ଅଧିକାରକୁ ସୁରକ୍ଷା ଓ ପ୍ରୋତ୍ସାହନ ଦେବା ନିହାତି ଆବଶ୍ୟକ । ଏକ ପ୍ରଗତିଶୀଳ ସମାଜ ବିଷୟରେ ଚିନ୍ତା କରିବାର ଏହା ଏକ ମାଧ୍ୟମ ସୃଷ୍ଟି କରେ । ଆମେ ଆମ ପିଲାମାନଙ୍କ ଉପରେ ଯେତେ ଅଧିକ ନିବେଶ କରିବା ଏକ ପ୍ରଗତିଶୀଳ ସମାଜ ଆଡ଼କୁ ସେତିକି ଆଗକୁ ବଢ଼ିପାରିବା । ଭାରତ ଶିଶୁ ଅଧିକାର ଉପରେ ଜାତିସଂଘର ବୁକ୍ତିନାମାର ଏକ ସ୍ୱାକ୍ଷରକାରୀ ରାଷ୍ଟ୍ର । ଆମେ ଶିଶୁଙ୍କ ବଞ୍ଚିବାର ଅଧିକାର, ବିକାଶର ଅଧିକାର, ସୁରକ୍ଷାର ଅଧିକାର ଏବଂ ସହଭାଗିତାର ଅଧିକାର ପାଇଁ ଅଙ୍ଗୀକାରବଦ୍ଧ । ଏହା ଶିଶୁ ମାନଙ୍କ ବିରୋଧରେ ହିଂସା, ଶୋଷଣ, ଅବହେଳା ଓ ଭେଦଭାବରୁ ରକ୍ଷା ପାଇବାକୁ ରାଷ୍ଟ୍ର ଗୁଡ଼ିକୁ ଦାୟିତ୍ୱବାନ କରେ ଏବଂ ଶିଶୁଙ୍କର ସର୍ବୋତ୍ତମ ହିତକୁ ସମସ୍ତ ନୀତି ଓ କାର୍ଯ୍ୟର କେନ୍ଦ୍ରବିନ୍ଦୁରେ ରଖିବାକୁ ଗୁରୁତ୍ୱ ଦିଏ ।

ଭାରତୀୟ ସମ୍ବିଧାନରେ ଶିଶୁଙ୍କ ଅଧିକାରର ସୁରକ୍ଷା ଓ ବିକାଶ ପାଇଁ ସ୍ପଷ୍ଟ ବ୍ୟବସ୍ଥା ରହିଛି । ସମ୍ବିଧାନର ଧାରା ୧୪ ଶିଶୁ ମାନଙ୍କୁ ସମାନତାର ଅଧିକାର ଦେଇଥାଏ, ଯେଉଁଥିରେ ଧାରା ୧୫(୩) ରାଜ୍ୟକୁ ଶିଶୁ ଓ ମହିଳାଙ୍କ ପାଇଁ ବିଶେଷ ବ୍ୟବସ୍ଥା କରିବାର ସଶକ୍ତ କରେ । ଧାରା ୨୧-ଏ ଅନୁସାରେ ୬-୧୪ ବୟସର ସମସ୍ତ ଶିଶୁଙ୍କୁ ନିଃଶୁଳ୍କ ଓ ଅନିବାର୍ଯ୍ୟ ଶିକ୍ଷା ଦେବା ରାଜ୍ୟର କର୍ତ୍ତବ୍ୟ । ଧାରା ୨୪ ଶିଶୁ ଶ୍ରମକୁ ନିଷେଧ କରିଥାଏ ଏବଂ ରାଜ୍ୟ ନୀତି ନିର୍ଦ୍ଦେଶକ ସିଦ୍ଧାନ୍ତର ଧାରା ୩୯ (ଏଫ) ଶିଶୁଙ୍କ ସ୍ୱାସ୍ଥ୍ୟ ବିକାଶ, ସୁରକ୍ଷା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନକୁ ସୁନିଶ୍ଚିତ କରିବାକୁ ରାଜ୍ୟକୁ ପଥପ୍ରଦର୍ଶନ କରେ । ଭାରତର ଜାତୀୟ ଶିଶୁ ନୀତି ୨୦୧୩ ଶିଶୁ ମାନଙ୍କୁ ଦେଶର ସର୍ବୋଚ୍ଚ ପ୍ରାଥମିକତା ଭାବେ ସ୍ୱୀକାର କରି ତାଙ୍କର ଜୀବନ, ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ସୁରକ୍ଷା ଓ ଅଂଶଗ୍ରହଣ ଅଧିକାର ସୁନିଶ୍ଚିତ କରିବାକୁ ରାଜ୍ୟର ଦାୟିତ୍ୱ ନିର୍ଦ୍ଧାରଣ କରେ । ଏହି ନୀତି ଶିଶୁ ଓ କିଶୋର ମାନଙ୍କ ସହ ଜଡ଼ିତ ଆମର ସମସ୍ତ କାର୍ଯ୍ୟକ୍ରମ ଓ ନୀତି ସହିତ ସମନ୍ୱୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଏ । ଦୁର୍ଭାଗ୍ୟବଶତଃ ଶିଶୁ ମାନଙ୍କ ଅଧିକାରକୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବା ପାଇଁ ଏହି ଆଇନ ଓ ନୀତିକୁ ପ୍ରକୃତ ଅର୍ଥରେ କାର୍ଯ୍ୟକାରୀ କରିବାରେ ବହୁତ ବ୍ୟବଧାନ ଦେଖାଯାଉଛି ।

ଓଡ଼ିଶାରେ ସମ୍ବଳ ଓ ପ୍ରତିଭା ଦୃଷ୍ଟିରୁ ଆମ ପାଖରେ ପ୍ରଚୁର ସୁଯୋଗ ଅଛି । ସେହି ସମୟରେ ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ଆମ ପାଖରେ ଅନେକ ଆହ୍ୱାନ ଓ ପ୍ରତିବନ୍ଧକ ରହିଛି । ଓଡ଼ିଶାରେ ଜୀବିକା ସନ୍ଧାନ ପାଇଁ ଆର୍ଥିକ ସ୍ତରରେ ଦୁର୍ବଳ ପରିବାରଙ୍କ ଅନ୍ୟ ରାଜ୍ୟକୁ ପଲାୟନ ଏକ ବଡ଼ ସମସ୍ୟା । ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଜିଲ୍ଲା ଯେପରି କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ରାୟଗଡ଼ା, ମାଲକାନାଗିରି ସମେତ ଅନ୍ୟାନ୍ୟ ଜିଲ୍ଲାର ବହୁତ ପରିବାର





ଜୀବନ ଜୀବିକା ପାଇଁ ପ୍ରତିବର୍ଷ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, ଗୁଜୁରାଟ ଆଦି ରାଜ୍ୟକୁ ଯାଉଛନ୍ତି । ସେହିପରି ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ପରିବାର ବନ୍ୟାବାତ୍ୟା ବିପର୍ଯ୍ୟୟଜନିତ ସଙ୍କଟର ସାମ୍ନା କରିବାକୁ ପଡୁଛି । ଏହା ସହିତ ଜଳବାୟୁ ପରିବର୍ତ୍ତନ ଜନିତ ଆହ୍ୱାନ, ଗ୍ରୀଷ୍ମପ୍ରବାହ, ଅନିଶ୍ଚିତ କୃଷି ଆଦି ସମସ୍ୟା ଆର୍ଥିକ ଭାବରେ ଦୁର୍ବଳ ପରିବାର ଗୁଡ଼ିକର ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି । ଏପରି ପରିସ୍ଥିତି ନିୟମିତ ଟିକାକରଣ, ଅଙ୍ଗନୱାଡ଼ି ସେବା, ଶିକ୍ଷାକୁ ଗମ୍ଭୀର ଭାବରେ ପ୍ରଭାବିତ କରିବା ସହିତ ସେମାନଙ୍କୁ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ଫାଶରେ ପକାଇଥାଏ ।

ଶିଶୁ ପୁଷ୍ଟିହୀନତା ଓଡ଼ିଶା ପାଇଁ ଆଉ ଏକ ଗମ୍ଭୀର ଆହ୍ୱାନ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ର ତଥ୍ୟ ଅନୁସାରେ ରାଜ୍ୟରେ ପାଞ୍ଚ ବର୍ଷ ତଳେ ଶିଶୁମାନଙ୍କ ମଧ୍ୟରେ ଷ୍ଟଣ୍ଟିଂ (ବୟସ ଅନୁସାରେ କମ ଉଚ୍ଚତା), ୱାଷ୍ଟିଂ (ଉଚ୍ଚତା ତୁଳନାରେ ଓଜନ ଅତ୍ୟଧିକ କମ ହୋଇଟିବା) ଓ ଆନିମିଆ ରକ୍ତହୀନତା ଏ ପର୍ଯ୍ୟନ୍ତ ଚିନ୍ତାଜନକ ସ୍ତରରେ ଅଛି । ଏହା କେବଳ ପୁଷ୍ଟିକର ଖାଦ୍ୟର ଅଭାବ ନୁହେଁ ବରଂ ଦାରିଦ୍ର୍ୟ, ସ୍ୱଚ୍ଛ ପାନୀୟ ଜଳର ଅଭାବ, ମାତୃ ସ୍ୱାସ୍ଥ୍ୟ ଓ ସଚେତନତାର ଅଭାବର ସଂଯୁକ୍ତ ପରିଣାମ । କୁପୋଷିତ ଶିଶୁ ଶିକ୍ଷାରେ ପଛରେ ପଡ଼େ, ରୋଗ ପ୍ରତିରୋଧକ ଶକ୍ତି କମିଯାଏ ଓ ଦୀର୍ଘକାଳୀନ ଦାରିଦ୍ର୍ୟଚକ୍ରରେ ଫସିଯାଏ, ଯାହା ରାଜ୍ୟର ମାନବ ସମ୍ପଦକୁ ଦୁର୍ବଳ କରେ ।

ପିଲାମାନଙ୍କ ଏପରି ସମସ୍ୟାର ଦାୟିତ୍ୱ କେବଳ ସରକାର ବା ପ୍ରଶାସନର ନୁହେଁ । ଏ ଦାୟିତ୍ୱ ଆମ ସମସ୍ତଙ୍କର । ସମାଜରେ ଶିଶୁ ମାନଙ୍କର ନୈତିକ, ବୌଦ୍ଧିକ ଓ ସ୍ୱାସ୍ଥ୍ୟଗତ କ୍ଷେତ୍ରର ବିକାଶ ପାଇଁ ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି । ସବୁଠାରୁ ବଡ଼କଥା ହେଉଛି ପିଲାଟିଏ ହେଲେ ମଧ୍ୟ ସେମାନଙ୍କ ପାଖରେ ଟିକିଏ ସମୟ କାଟିବା, ସେମାନଙ୍କୁ ଭଲ ପାଇବା, ସେମାନଙ୍କ ମତାମତକୁ ଗ୍ରହଣ କରିବା ଯାହାଦ୍ୱାରା ସେମାନଙ୍କର ସ୍ୱପ୍ନ ଓ ଆଶା ସଫଳ ହୋଇପାରିବ । ଆମକୁ ପିଲାମାନଙ୍କ କଥା ଶୁଣିବା, ସେମାନଙ୍କ ମତାମତକୁ ସମ୍ମାନ ଦେବା, ଆମର ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସେମାନଙ୍କ ସ୍ୱପ୍ନ ଓ ଆଶାକୁ ପ୍ରାଥମିକତା ଦେବା । ସମାଜ ସ୍ତରରେ ଆମକୁ ଶିଶୁ ମାନଙ୍କ ଅଧିକାରର ସୁରକ୍ଷା ପାଇଁ ସମ୍ପ୍ରଦାୟଭିତ୍ତିକ ବ୍ୟବସ୍ଥା ବିକଶିତ କରିବାକୁ ପଡ଼ିବ ଏବଂ ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ସାମୂହିକ ପଦକ୍ଷେପ ନେବାକୁ ପଡ଼ିବ । ସେହିପରି ଢାଞ୍ଚାଗତ ବ୍ୟବସ୍ଥାରେ ସୁଧାର ଆଣିବାକୁ ପଡ଼ିବ । ସରକାରୀ ବ୍ୟବସ୍ଥାରେ ଉନ୍ନତମାନର ସୁବିଧା ଓ ସେବାକୁ ସୁନିଶ୍ଚିତ କରିବାକୁ ହେବ । ବିଭିନ୍ନ ସରକାରୀ ନୀତି, ଯୋଜନା ଓ କାର୍ଯ୍ୟକ୍ରମ ଯେପରିକି ପ୍ରଧାନମନ୍ତ୍ରୀ ପୋଷଣ ୨.୦, ଜାତୀୟ ଶିକ୍ଷା ନୀତି, ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ, ମିଶନ ବାତ୍ସଲ୍ୟ, ସମଗ୍ର ଶିକ୍ଷା ଅଭିଯାନ, ଆଦିର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବାର ଅତ୍ୟନ୍ତ ଆବଶ୍ୟକତା ରହିଛି ।

ଶିଶୁମାନଙ୍କର ସାର୍ବଜନୀନ ମଙ୍ଗଳକଳ୍ପେ ବା ଶିଶୁ ହିତୈଷୀ ଓଡ଼ିଶା ଗଢ଼ିବାରେ ଗ୍ରାମ ପଞ୍ଚାୟତର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ୭୩ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ସ୍ଥାନୀୟ ସ୍ୱଶାସନ ସଂସ୍ଥା ଭାବେ ଗ୍ରାମ ପଞ୍ଚାୟତକୁ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ପାନୀୟଜଳ ଓ ସାମାଜିକ ସୁରକ୍ଷା ଭଳି ବିଷୟରେ ଯୋଜନା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ହେଉଛି ମୁଖ୍ୟ ଦାୟିତ୍ୱ । ଓଡ଼ିଶା ସରକାର ଗ୍ରାମ ପଞ୍ଚାୟତ ବିକାଶ ଯୋଜନାକୁ ଲୋକକୈନ୍ଦ୍ରିକ ଓ ବିକେନ୍ଦ୍ରୀକରଣ ଶାସନର ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟ ଭାବେ ଗୁରୁତ୍ୱ ଦେଇ ଆସୁଛନ୍ତି । ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଯଦି ସତରେ ଶିଶୁ କୈନ୍ଦ୍ରିକ ହେବାକୁ ହୁଏ, ତେବେ ଏହାର ମୂଳ ଅଂଶରେ ଶିଶୁ ସୁରକ୍ଷା, ସୁପୋଷଣ, ଶିକ୍ଷା ଓ ସହଭାଗିତାକୁ ଅନିବାର୍ଯ୍ୟ ଭାବେ ସ୍ଥାନ ମିଳିବା



ଆବଶ୍ୟକ । ଗ୍ରାମ ପଞ୍ଚାୟତ ହେଉଛି ଶାସନ ବ୍ୟବସ୍ଥାର ତୃଣମୂଳ ଯୋଜନା । ଯେଉଁଠି ଅଙ୍ଗନବାଡ଼ି ସହିତ ବିଦ୍ୟାଳୟର ସୁଦୃଢ଼ୀକରଣ ହୋଇଥାଏ, ପିଲାମାନେ ସୁରକ୍ଷିତ ପାନୀୟ ଜଳର ସଂରକ୍ଷଣ ଓ ବ୍ୟବହାର ସହିତ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତିରେ ନିଜକୁ ପ୍ରସ୍ତୁତ କରିଥାନ୍ତି । ଆମ ଓଡ଼ିଶାରେ ଶିଶୁମାନଙ୍କର ସାର୍ବଜନୀନ ଉନ୍ନତି ବା ମଙ୍ଗଳ ନିମିତ୍ତ ସରକାରଙ୍କ ମହିଳା ଓ ଶିଶୁ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତରାଜ, ଶିକ୍ଷା, ଗ୍ରାମୀଣ ଉନ୍ନୟନ, ସମାଜ କଲ୍ୟାଣ ସବୁ ବିଭାଗ ଅନେକ ଦାୟିତ୍ୱ ନିର୍ବାହ କରୁଛନ୍ତି । ଏହି ବିଭାଗ ଭିତରେ ସମନ୍ୱୟ ରହିପାରିଲେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା ଓ ସାମାଜିକ ସୁରକ୍ଷା ଭଳି ସେବାଗୁଡ଼ିକୁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବ । ସମସ୍ତଙ୍କ ଭିତରେ ପ୍ରତିଟି ଶିଶୁର ଉନ୍ନତ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ସୁରକ୍ଷା ଓ ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରାଥମିକତାର ଦାୟିତ୍ୱ ନିର୍ବାହ ଭିତରେ ଏକ ବିକଶିତ ଓ ସମୃଦ୍ଧ ଶିଶୁ ଉନ୍ନତିକଳ୍ପେ ଓଡ଼ିଶାର ସ୍ୱପ୍ନ ସାକାର ହୋଇପାରିବ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
E-mail : drjyotiranjanchampatray123@gmail.com



ତଥ୍ୟ ସୁରକ୍ଷା ଓ ଉତ୍ତରାଧିକାର

ଯୁଧିଷ୍ଠିର ମହାରଣା

ସୁନା, ୟୁରାନିୟମ, ବିରଳ ମୃତ୍ତିକା ଓ ଜୀବାଶ୍ମ ଇନ୍ଧନ ପରେ ସାମ୍ପ୍ରତିକ ବିଶ୍ୱରେ ତଥ୍ୟର ଗୁରୁତ୍ୱ ଓ ମୂଲ୍ୟ ଆଶାତୀତ ବଢ଼ିବାରେ ଲାଗିଛି। ବିଶେଷକରି କୃତ୍ରିମ ବୁଦ୍ଧିମତା ଏଆଇ ଯୁଗରେ ତଥ୍ୟ ହିଁ ଆଧାର ଓ ମୁଖ୍ୟ ସଂଚାଳକ ହୋଇଥିବାରୁ ଏହାକୁ ନେଇ ବିଶ୍ୱରେ ଛାୟାଯୁଦ୍ଧ ଆରମ୍ଭ ହୋଇସାରିଲାଣି। ଏହି ପୃଷ୍ଠଭୂମିରେ ତଥ୍ୟର ସୁରକ୍ଷା ଓ ଉତ୍ତରାଧିକାର ପ୍ରଶ୍ନ ଆହୁରି ପ୍ରାସଙ୍ଗିକ ମନେ ହୁଏ। ଅର୍ଥାତ୍ ବ୍ୟକ୍ତିଗତ, ମୌଳିକ ଓ ଗବେଷଣାଲବ୍ଧ ତଥ୍ୟ ସ୍ୱତ୍ୱାଧିକାର ଆଇନ ଭଳି ସୁରକ୍ଷା ବଳୟରେ ଆସୁଛି କି ନାହିଁ ଏବଂ ଯିଏ ଚାହିଁଲା ଏହାକୁ ମନଇଚ୍ଛା ଉପଯୋଗ କରିପାରିବ ନା କିଛି କଟକଣା ରହିଛି ସେ ବିଷୟରେ ଅଧିକାଂଶ ଭାରତୀୟ ଅଜ୍ଞ। ବ୍ୟକ୍ତିଗତ ଗୋପନୀୟତାର ଅଧିକାର ଆମ ସମ୍ବିଧାନ ଆମକୁ ଦେଇଛି। ତଥ୍ୟ ସୁରକ୍ଷା ପାଇଁ ଆମ ଦେଶରେ ଆଇନ ମଧ୍ୟ ପ୍ରଣୟନ ହୋଇଛି। କିନ୍ତୁ ମୁଖ୍ୟ ପ୍ରଶ୍ନ ହେଉଛି ତଥ୍ୟକୁ ସମ୍ପତ୍ତି ବର୍ଗୀଭୁକ୍ତ କରାଯାଇ ବ୍ୟକ୍ତିର ଅବର୍ତ୍ତମାନରେ ଉତ୍ତରାଧିକାର ନିର୍ଣ୍ଣୟ କରାଯାଇପାରିବ କି ?

ଏଭଳି ଏକ କୌତୁହଳ ଓ ସମ୍ବେଦନଶୀଳ ପ୍ରସଙ୍ଗ ଅଦାଲତ କାଠଗଡ଼ା ଭିତରକୁ ଆସିଛି। ଗୁଜୁରାଟର ଗାନ୍ଧୀନଗର ଦୌରା ଜଜଙ୍କ ଅଦାଲତରେ ମାମଲାର ଶୁଣାଣି ହୋଇ ଜଣେ ମୃତକଙ୍କ ଆଇକ୍ଲାଉଡ୍‌ରେ ଥିବା ତଥ୍ୟକୁ ସମ୍ପତ୍ତି ମାନ୍ୟତା ସହିତ ଉତ୍ତରାଧିକାର ଓ ତଥ୍ୟ ହସ୍ତାନ୍ତର ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଆଇଫୋନ ଓ ଆଇକ୍ଲାଉଡକୁ ଖୋଲିବା ପାଇଁ ପରିବାର ଲୋକେ ଆଇଫୋନ ନିର୍ମାତା ଆପଲ କମ୍ପାନୀର ସହାୟତା ଲୋଡ଼ିଥିଲେ। କିନ୍ତୁ ଅଦାଲତ ନିର୍ଦ୍ଦେଶ ବିନା ପାସୱାର୍ଡ କିମ୍ବା ତଥ୍ୟ ଅନ୍ୟପକ୍ଷଙ୍କୁ ଦିଆଯାଇପାରିବ ନାହିଁ ବୋଲି ଆପଲ କହିବା ପରେ ପରିବାର ଲୋକେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଇଣ୍ଡିଆନ ସକସେସନ ଆକ୍ଟ-୧୯୨୫ ଆଧାରରେ ଫୋନରେ ଥିବା ତଥ୍ୟ ପାଇବାକୁ ହକଦାର ବୋଲି ଦାବି କଲେ।

ଅଦାଲତରେ ମାମଲାର ତର୍ଜମା ଏତେ ସରଳ ନଥିଲା। ବାଦୀ ପକ୍ଷର ଯୁକ୍ତି ଅନୁଯାୟୀ ଆଇନତଃ ଜେନେରାଲ କ୍ଲଜ ଆକ୍ଟ ଡିଜିଟାଲ ତଥ୍ୟ ମଧ୍ୟ ସହଜ ବା ଅବସ୍ଥାବର ସମ୍ପତ୍ତି ପରିସରଭୁକ୍ତ। ଭାରତୀୟ ନ୍ୟାୟ ସଂହିତା, ପ୍ରିଭେନସନ ଅଫ ମନି ଲଣ୍ଡିରିଂ ଆକ୍ଟ ମଧ୍ୟ ସମାନ କଥା କହୁଛି। ଆୟକର ଆଇନର ଧାରା ୨(୪୭(ଏ) କ୍ରିପ୍ଟୋକରେନ୍ସି ଓ ଏନ୍‌ଏଫ୍‌ଟିକୁ ଡିଜିଟାଲ ଆସେଟ୍ ମାନ୍ୟତା ଦେଇଛି। ତେଣୁ ତଥ୍ୟ ମଧ୍ୟ ସମ୍ପତ୍ତି ତାଲିକାଭୁକ୍ତ ହୋଇପାରିବ ଏବଂ ଏହାର ଉତ୍ତରାଧିକାର ନିର୍ଣ୍ଣୟ ହେବା ଉଚିତ। ଅପରପକ୍ଷରେ ପ୍ରତିବାଦୀ ପକ୍ଷ ଯୁକ୍ତି ଥିଲା ଯେ ତଥ୍ୟଗତ ଉତ୍ତରାଧିକାର ସମ୍ପର୍କିତ କୌଣସି ସରକାରୀ ନିର୍ଦ୍ଦେଶନାମା କିମ୍ବା ବିଜ୍ଞପ୍ତି ନାହିଁ। ଏହାଛଡ଼ା ଡିଜିଟାଲ ଆକାଉଣ୍ଟରେ ଏଭଳି ଅନେକ ବ୍ୟକ୍ତିଗତ ଆଳାପ, ତଥ୍ୟ, ଚିଠି, ବାର୍ତ୍ତା ରହୁଛି ଯାହା ସମ୍ପୃକ୍ତ ବ୍ୟକ୍ତିର ଭାବପ୍ରବଣତା ସହିତ ଜଡ଼ିତ ଏବଂ ନିତାନ୍ତ ଗୋପନୀୟ। ହୁଏତ ଏହା ପ୍ରକଟ ହେଲେ ପାରିବାରିକ ସମ୍ପର୍କରେ ବିଭ୍ରାଟ ସୃଷ୍ଟି ହୋଇପାରେ କିମ୍ବା ସମ୍ପର୍କରେ ସନ୍ତୁଳନ ବିଗିଡ଼ି ଯାଇପାରେ। ପରିବାର ଲୋକେ ଜାଣିଲେ ମଧ୍ୟ ମରଣୋତ୍ତର ଭାବେ ଏହା ସମ୍ପୃକ୍ତ ବ୍ୟକ୍ତିର ମାନ, ସମ୍ମାନ ଓ ମର୍ଯ୍ୟାଦା ହାନି କରିପାରେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଶେଷରେ ଅଦାଲତ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ ବ୍ୟକ୍ତିଗତ ଅଧିକାର ଓ ଗୋପନୀୟତାର ସର୍ତ୍ତ ଜଣେ ବ୍ୟକ୍ତିର ଜନ୍ମ ସହିତ ଆରମ୍ଭ ହୁଏ ଏବଂ ମୃତ୍ୟୁ ସହିତ ସମାପ୍ତ ହୋଇଯାଏ। ତେଣୁ ମାନ ସମ୍ମାନ ମର୍ଯ୍ୟାଦାର ଦ୍ୱାହି ଦେଇ ତଥ୍ୟର ଉତ୍ତରାଧିକାରକୁ ନିଷେଧ କରାଯାଇପାରିବ ନାହିଁ। ଅଦାଲତ ନିର୍ଦ୍ଦେଶାନୁଯାୟୀ ଉକ୍ତ ଫୋନରେ ଥିବା ସମସ୍ତ ତଥ୍ୟ ମୃତକଙ୍କ ଝିଅକୁ ହସ୍ତାନ୍ତର କରିବାକୁ ଆପଲ ବାଧ ହୋଇଛି।



ଏଭଳି ଏକ ମାମଲା ଜର୍ମାନୀର ସର୍ବୋଚ୍ଚ ଅଦାଲତ (ଫେଡେରାଲ କୋର୍ଟ ଅଫ ଜଷ୍ଟିସ୍ ଅଫ ଜର୍ମାନୀ)ରେ ଶୁଣାଣି ହୋଇଥିଲା। ୨୦୧୨ରେ ଜନୈକା ପନ୍ଦର ବର୍ଷର କିଶୋରୀଙ୍କ ମୃତ୍ୟୁ ପରେ ତାଙ୍କର ମୃତ୍ୟୁପୂର୍ବବର୍ତ୍ତୀ ମାନସିକ ସ୍ଥିତି, ପରିସ୍ଥିତି ଜାଣିବା ଏବଂ ଦୁର୍ଘଟଣା ଜନିତ ଔପଚାରିକତା ପୂରଣ ଲାଗି ପିତାମାତା ଝିଅର ଫେସବୁକ ଆକାଉଣ୍ଟର ପାସୱାର୍ଡ ଦେବାକୁ ଫେସବୁକ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଫେସବୁକ ଏହାକୁ ପ୍ରତ୍ୟାଖ୍ୟାନ କରିବା ପରେ ଦମ୍ପତ୍ତି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ସେଠାକାର ସର୍ବୋଚ୍ଚ ଅଦାଲତ ମାମଲାର ଶୁଣାଣି କରି ୨୦୧୮ରେ ଦେଇଥିବା ରାୟରେ କହିଥିଲେ ଯେ ଡାଇରୀ, ଚିଠି ପରି ଡିଜିଟାଲ ତଥ୍ୟ ମଧ୍ୟ ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର କରାଯାଇପାରିବ। କାରଣ ଜେନେରାଲ ଡାଟା ପ୍ରୋଟେକସନ ରେଗୁଲେସନ ଅନୁଯାୟୀ ତୃତୀୟପକ୍ଷଙ୍କୁ ତଥ୍ୟ ହସ୍ତାନ୍ତର ବାରଣ ରହିଛି କିନ୍ତୁ ପରିବାର ଲୋକେ ତୃତୀୟ ପକ୍ଷ ନୁହଁନ୍ତି। ପରିବାର ଲୋକେ ମୃତକଙ୍କ ଆକାଉଣ୍ଟକୁ ଚଳାଇ ପାରିବେ ନାହିଁ। କିନ୍ତୁ ସେଥିରେ ଥିବା ତଥ୍ୟ ପାଇବାକୁ ହକଦାର। ଏହାପରେ ଫେସବୁକ ମୃତକଙ୍କ ପାସୱାର୍ଡ ତାଙ୍କ ପିତାମାତାଙ୍କୁ ଦେଇଥିଲା।

ଏଭଳି ଜଟିଳ ଓ ବିରଳ ମାମଲାର ସମାଧାନ ପାଇଁ ଆମ ଦେଶରେ ପ୍ରଚଳିତ ଆଇନ ଅସ୍ପଷ୍ଟ। ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆକ୍ଟ ୨୦୨୩ର ଧାରା ୧୪ ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କର ଡିଜିଟାଲ ତଥ୍ୟର ବ୍ୟବହାର ପାଇଁ ଉତ୍ତରାଧିକାର ଚୟନ କରିପାରିବେ। ଅର୍ଥାତ୍ ବ୍ୟାଙ୍କ ଆକାଉଣ୍ଟର ଅର୍ଥ ରାଶି ଦାବି ପରି ଡିଜିଟାଲ ଆକାଉଣ୍ଟରେ ଥିବା ତଥ୍ୟ ତାଙ୍କ ମୃତ୍ୟୁ ପରେ ନୋମିନି ଉପଯୋଗ କରିପାରିବେ ଏବଂ ଏଥିରେ ପାସୱାର୍ଡ ଆଦିକୁ ଡିକୋଡ କରିବାରେ ନୋମିନିଙ୍କୁ ସମ୍ପୃକ୍ତ ସେବା ପ୍ରଦାନକାରୀ ସଂସ୍ଥା ସହାୟତା କରିବେ। କିନ୍ତୁ ଯଦି ନୋମିନି ଚୟନ ହୋଇନାହିଁ ସେ କ୍ଷେତ୍ରରେ କଣ କରାଯିବ ସେ ବିଷୟରେ ଆଇନ ନିରବ ରହିଛି। ସୂଚନା ପ୍ରଯୁକ୍ତି ଆଇନ ୨୦୦୦ରେ ମଧ୍ୟ ତଥ୍ୟ ଉତ୍ତରାଧିକାର ବିଷୟରେ ଉଲ୍ଲେଖ ନାହିଁ। ତେଣୁ ଭବିଷ୍ୟତର ଏଭଳି ଜଟିଳ ମାମଲାର ଫଏସଲା ପାଇଁ ଗାନ୍ଧୀନଗର ଅଦାଲତ ରାୟ ମାନଦଣ୍ଡ ବା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ।

ଇଣ୍ଟରନେଟର ପ୍ରଚଳନ ପୂର୍ବରୁ ହାତଲେଖା ଡାଇରି କିମ୍ବା ଚିଠିପତ୍ର ଆଦି ଗୋପନୀୟ ଦସ୍ତାବେଜ ଭାବେ ରହୁଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ସିନ୍ଦୁକ କିମ୍ବା ଆଲମାରୀରୁ ସେ ସବୁ ସଂଗ୍ରହ ବା ଉଦ୍ଧାର କରିବାରେ ଆଇନତଃ ପ୍ରତିବନ୍ଧକ ରହୁ ନଥିଲା। କିନ୍ତୁ ଏବେ ଡିଜିଟାଲ ନିର୍ଭରଶୀଳତା ବଢ଼ିବା ସହିତ ହାତ ଲେଖା ଦସ୍ତାବେଜର ସଂଖ୍ୟା ପ୍ରାୟତଃ ଶୂନ୍ୟ ହୋଇଆସୁଥିବା ବେଳେ ଡିଜିଟାଲ ଡକ୍ୟୁମେଣ୍ଟର ପ୍ରାବଲ୍ୟ ବଢ଼ିବାରେ ଲାଗିଛି। ବିଶେଷକରି ଏଆଇ ଯୁଗରେ ତଥ୍ୟର ପ୍ଲାବନ ସୃଷ୍ଟି ହୋଇସାରିଥିବାରୁ ଭବିଷ୍ୟତରେ ଆଇନଗତ ଜଟିଳତା ଏଡ଼ାଇବା ପାଇଁ ଆମ ଦେଶରେ ସ୍ପଷ୍ଟ ଆଇନ ପ୍ରଣୟନ ହେବା ବିଧେୟ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮



ଅ ପେ ରା ଆ ଇ ଟ ମ୍

ଶ୍ରୀଗୋବିନ୍ଦ


ରଙ୍ଗମଞ୍ଚ ଡ଼ାକେ ଆ...ଆ...

ସଙ୍ଗୀତ ପାଇଁ ପାରିଶ୍ରମିକ ଭୁଲିଗଲି: ଲକ୍ଷ୍ମୀକାନ୍ତ ପାଲିତ



ବେଳେବେଳେ ଏମତି ହୋଇଥାଏ। କାମ କରି ଆସିବା ପରେ ପାରିଶ୍ରମିକ ମିଳି ନଥାଏ। ସେତେବେଳେ ମନ ଭାରି କଷ୍ଟ ହୋଇଥାଏ। କିନ୍ତୁ ଅନେକ ସମୟରେ ଗୀତର ହିଟ୍ ଦେଖି ପାରିଶ୍ରମିକ କଥା ଭୁଲିଯିବାକୁ ହୋଇଥାଏ। ସେମିତି ଏକ ଅନୁଭବକୁ ବଖାଣିଛନ୍ତି, ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍।

ତାରିଣୀର 'ଜୀଅନ୍ତା ଶବ' ନାଟକ ପ୍ରସ୍ତୁତି ସରିଯାଇଥାଏ। ନାଟ୍ୟକାର ଅନନ୍ତ ଓଝା ଏହି ନାଟକ ରଚନା କରିଥିବାବେଳେ ନିର୍ଦ୍ଦେଶନା ଦେଇଥାନ୍ତି ଅକ୍ଷୟ ମହାନ୍ତି(କାଶ୍ୟପ)। ସଙ୍ଗୀତ ଦାୟିତ୍ୱ ମୋ ଉପରେ ଥାଏ। ସେତେବେଳେ ଦୁର୍ଦ୍ଦାନ୍ତ ଖଳନାୟକ ଭାବରେ ଦୈତାରୀ ପଣ୍ଡା ମୁଖ୍ୟ ଭୂମିକାରେ ଅଭିନୟ କରୁଥାନ୍ତି। ନାଟକ ସାରି ମୋର ଓଡ଼ିଶା ବାହାରକୁ ଯିବାର ଥିଲା। ଯାତ୍ରାପାର୍ଟି ଉପରେ ବି ପଇସା ବାକି ଥାଏ। ସେମାନେ ଘରେ ପହଞ୍ଚାଇଦେବେ ବୋଲି କହିଥିଲେ ହେଲେ ମାସକ ପରେ ଆସିବା ପରେ ଦେଇ ନଥାନ୍ତି। ମନ ଦୁଃଖ ହେଲା ମାଲିକ ରବି ବାବୁଙ୍କୁ ବି ଫୋନ କଲି। ସେହିଦିନ ଭାବିଲି ଆଉ ତାରିଣୀ ପାଇଁ ସଙ୍ଗୀତ ଦେବିନାହିଁ। ହଠାତ



ନାଟ୍ୟକାର ଅନନ୍ତ ଓଝା ଫୋନ କରି କହିଲେ-ନାଟକ ସୁପରହିଟ୍, ଯେଉଁଠି ପଡୁଛି କେବଳ ଏହି ନାଟକ ହିଁ ଚାଲୁଛି। ଗୀତ, ସଙ୍ଗୀତ, ସଂଳାପ ସହିତ ଦୈତାରୀ ପଣ୍ଡା ବି ବେଶ୍ ମାଇଲେଜ ନେଉଛନ୍ତି। ତା'ପରେ ମୁଁ ଚୁପଚାପ ରହିଯାଇଥାଏ। ନିର୍ଦ୍ଦେଶକ ସୀତାକାନ୍ତ ମହାନ୍ତି 'ବଡ଼ଘର ବଡ଼ ଗୁମର କଥା' ନାମକ ଏକ ନାଟକ ତା'ପର ବର୍ଷ ପ୍ରସ୍ତୁତ କରିବାକୁ ଯାଉଥାନ୍ତି। ମୋତେ ଫୋନ କରିବାରୁ ନିଷ୍ପତ୍ତି ଶୁଣେଇଦେଲି ଯେ ମୁଁ କେବେ ସେ ପାର୍ଟିକୁ ନାଟକ କରିବାକୁ ଯିବି ନାହିଁ କିନ୍ତୁ ମନ ଭିତରେ ନାଟକର ଫେମ୍ ପାଇଁ ପାଉଣାର ଦୁଃଖ ଭୁଲିଯାଇଥାଏ। ମୁଁ ଜିଦରେ ଅଟଳ ଥାଏ, ମାଲିକ ରବିବାବୁ ଗାଡ଼ି ପଠାଇ ନେଇଗଲେ ଓ ଭୁଲ ବୁଝାମଣାରେ ଏସବୁ ହୋଇଛି ବୋଲି କହିଲେ। ସେହିବର୍ଷ ନାଟକ ସରିବା ବେଳକୁ ମୋର ପାଉଣା ହାତାହାତି ମିଳିଯାଇଥିଲା। ଯେତେଥର ବି ତା'ପରେ ନାଟକ କରିଛି ଆଉ ବାକି ରହିନି କେବେ। 'ବଡ଼ଘର ବଡ଼ଗୁମର କଥା' ନାଟକ ବି ହିଟ୍ ହେଲା। 'ଜୀଅନ୍ତା ଶବ'ର ଅନୁଭୂତି ଆଜି ବି ଜୀଅନ୍ତା ଅଛି, ଅତୀତର କଥା ମନେ ପଡ଼ିଲେ ବେଶ୍ ରୋମାଞ୍ଚିତ ହେବାକୁ ପଡ଼େ। କଥା ରହିଲା ମଗୁଶୁରକୁ, ଚନ୍ଦନଟିପାକୁ ନାଲି ଅଳତା, ଠକେଇଦେଲୁ ଠକ ପାଲିଙ୍କିରେ ବସେଇଦେଲୁ, କାନିରେ ପଡ଼ିଲା ଗଣ୍ଠି ଆଦି ନାଟକ ସହିତ ଯାତ୍ରାଜଗତର ୪୧ବର୍ଷର ଅଭିଜ୍ଞତା ଭିତରେ 'ଜୀଅନ୍ତା ଶବ'ର ଘଟଣା ସବୁଦିନ ମନେ ରହିବ।



ଶ୍ରୀଲା

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଲ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com